# ବିଷାକ୍ତ ହେଉଛି ଦୟା

**ପୁରୁଣା ଭୁବନେଶ୍ୱର,୨୪।୯(ଡି.ଏନ୍.ଏ.)**

ରାଜଧାନୀ ଭୁବନେଶ୍ୱରରେ ପ୍ରବାହିତ ଦୟା ୱେଷ୍ଟ କେନାଲ ଭଳି ଦୟା ନଦୀର ପାଣି ମଧ୍ୟ ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ଧଉଳି ପାଦଦେଶରେ ବୋହି ଯାଇଥିବା ଏହି ଐତିହ୍ୟ ତଥା ପବିତ୍ର ନଦୀ ଏବେ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ପୂର୍ବରୁ ଗାଧୋଇବା, ପିଇବା ଓ କୃଷି କାର୍ଯ୍ୟ ପାଇଁ ଦୟା ଲୋକେ ଦୟା ଉପରେ ନିର୍ଭର କରୁଥିଲେ। ହେଲେ ସହରର ଡ୍ରେନ୍ ପାଣି ନଦୀକୁ ଛଡ଼ାଯିବା, ମୃତ ପ୍ରାଣୀକୁ ଭସାଇଦେବା ସହ ବିଭିନ୍ନ ଶିଳ୍ପ, କାରଖାନାରୁ ନିର୍ଗତ କେମିକାଲ ଓ ବର୍ଜ୍ୟ ନଦୀପାଣିରେ ମିଶୁଥିବାରୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଲୋକଙ୍କ ପାଇଁ କାଳ ପାଲଟିଛି। ସଚେତନତା ଅଭାବରୁ ପାର୍ବଣ ସମୟରେ ବିଭିନ୍ନ ରାସାୟନିକ ପ୍ରଲେପ ମୂର୍ତ୍ତି ନଦୀରେ ପକାଇବା ଓ ଘରର ପୂଜା ବର୍ଜ୍ୟ ନଦୀକୁ ଫିଙ୍ଗାଯିବା ଦୟାପାଣି ଦୂଷିତ ହେବାର ଅନ୍ୟତମ କାରଣ ହୋଇଛି।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ତଥ୍ୟ ଅନୁସାରେ, ରାଜ୍ୟର ୧୧ ପ୍ରଦୂଷିତ ନଦୀ ମଧ୍ୟରେ ଦୟା ରହିଛି। ନଦୀଜଳ ଦୂଷିତ ହେଉଥିବାରୁ ବିଏମ୍‌ସି ପକ୍ଷରୁ ପୂର୍ବରୁ ହିଁ ରାସାୟନିକ ପ୍ରଲେପ ମୂର୍ତ୍ତିକୁ ନଦୀରେ ନ ପକାଇବାକୁ କଟକଣା ଜାରି କରାଯାଇଛି। ଏହାବଦଳରେ ବିଏମ୍‌ସି ପକ୍ଷରୁ ବିଭିନ୍ନ ନଦୀପଠାରେ ଅସ୍ଥାୟୀ ବିସର୍ଜନ ପୋଖରୀ ତିଆରି କରିଛି। ସେହିପରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଦୟାନଦୀର ବ୍ରିଜତଳେ ଅସ୍ଥାୟୀ ବିସର୍ଜନ ପୋଖରୀ ନିର୍ମାଣ କରାଯାଇଛି। ଏହାସତ୍ତ୍ୱେ କେତେଜଣ ସିଧାସଳଖ ନଦୀରେ ମୂର୍ତ୍ତି ବିସର୍ଜନ କରୁଛନ୍ତି। ନିକଟରେ ଗଣେଶ, ବିଶ୍ୱକର୍ମା, ଖୁଦୁରକୁଣୀ ପୂଜା ହୋଇଥିବାବେଳେ ବିସର୍ଜନ ଦିନ ଲୋକେ ମୂର୍ତ୍ତିକୁ ଦୟା ନଦୀରେ ବିସର୍ଜନ କରିଥିବା ଦେଖିବାକୁ ମିଳୁଛି। ଏଥିସହ ୫ଦିନ ତଳେ ଲଗାଣବର୍ଷା ଯୋଗୁ ଦୟାରେ ବନ୍ୟା ଆସିଥିଲା। ଏହି ବନ୍ୟା ଜଳସ୍ତର ଅପେକ୍ଷାକୃତ କମିଥିବାବେଳେ ସମ୍ପୂର୍ଣ୍ଣ ଗୋଳିଆ ରହିଛି। ଗୋଟିଏ ପଟେ ଗୋଳିଆ ପାଣି ଅନ୍ୟପଟେ ରାସାୟନିକ ପ୍ରଲେପ ଦିଆଯାଇଥିବା ମୂର୍ତ୍ତି ଏଠାରେ ବିସର୍ଜନ କରାଯିବା ଦ୍ୱାରା ଦୟାନଦୀ ପାଣି ବିଷମୟ ହେଉଛି। ତୁରନ୍ତ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ, ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଏ ନେଇ ଧଉଳି ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି, ପୂଜା ପାର୍ବଣକୁ ଦୃଷ୍ଟିରେ ରଖି ପୂର୍ବରୁ ହିଁ ନଦୀ ନିକଟରେ ଅସ୍ଥାୟୀ ପୋଖରୀ ହୋଇଥିଲା। ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇ ଲୋକଙ୍କୁ କଟକଣା ମାନିବାକୁ ନିବେଦନ କରାଯାଇଥିଲା। ପ୍ରଥମେ କେତେଜଣ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିଥିଲେ। କିନ୍ତୁ ପରେ ଲୋକମାନେ ନଦୀରେ ମୂର୍ତ୍ତିକୁ ପକାଇଥିଲେ। ନଦୀଜଳକୁ ପରିଷ୍କାର ରଖିବା ପାଇଁ ଲୋକେ ନିଜେ ସଚେତନ ହେବା ଜରୁରୀ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ୩୦ ମୋବାଇଲ ସହ ବାଇକ୍ ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୨୪।୯:** ଖୋର୍ଦ୍ଧା ସହରରେ ମୋବାଇଲ ଫୋନ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ମୁକୁନ୍ଦପ୍ରସାଦ ବାଇପାସ ଛକ ଠାରୁ ଜଣେ ଯୁବକଙ୍କୁ ଭୁଜାଲି ଦେଖାଇ ମୋବାଇଲ ଫୋନ ଲୁଟ ଘଟଣାରେ ଖୋର୍ଦ୍ଧା ଆଦର୍ଶ(ଟାଉନ) ଥାନା ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା କୋକେସିଂ ଗ୍ରାମର ଜ୍ୟୋତିରଞ୍ଜନ ନନ୍ଦ, ମୁକୁନ୍ଦପ୍ରସାଦ ମୁସଲିମ ସାହିର ଇମରାନ ଖାନ ଓରଫ କାଳିଆ ଏବଂ କାସିମୁଦ୍ଦିନ ଶାହା। ଅଭିଯୁକ୍ତଙ୍କ ନିକଟରୁ ୩୦ଟି ମୋବାଇଲ ଫୋନ ଓ ଏକ ବାଇକ୍ ଜବତ ହୋଇଛି। ଇମରାନଙ୍କ ବିରୋଧରେ ୨ଟି ମାମଲା ରହିଥିବା ବେଳେ କାସିମୁଦ୍ଦିନଙ୍କ ବିରୋଧରେ ୭ଟି ମାମଲା ରହିଥିବା ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା ବେଳେ ପୂର୍ବରୁ ବିଭିନ୍ନ ମାମଲାରେ ଜଡିତ ଥିବା ଜଣାପଡିଥିଲା ବୋଲି ପୋଲିସ କହିଛି। ସୂଚନା ମୁତାବକ, ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଉଦୟଗିରି ଗ୍ରାମର ଜ୍ୟୋତିରଞ୍ଜନ ଜେନା ବୁଧବାର ମୁକୁନ୍ଦପ୍ରସାଦ ବାଇପାସ ଛକରେ ସନ୍ଧ୍ୟାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଏକ ବାଇକରେ ଆସି ତାଙ୍କୁ ଭୁଜାଲି ଦେଖାଇ ମୋବାଇଲ ଫୋନ ଝାମ୍ପି ଫେରାର ହୋଇଯାଇଥିଲେ। ଏନେଇ ଜ୍ୟୋତିରଞ୍ଜନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୭୬/୨୧)ରୁଜୁ ହୋଇଥିଲା। ସଦର ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ, ଏସ୍‌ଆଇ ଦିଗବିଜୟ ବିଶ୍ୱାଳ, ଏଏସଆଇ ଦିଲୀପ କୁମାର ବିଶ୍ୱାଳ, କନଷ୍ଟେବଳ ନିଳୁ ମଲିକ, ଏସକେ ସାମନ୍ତସିଂହାର, ଓଏପିଏଫ ରମେଶ ଚନ୍ଦ୍ର ପ୍ରଧାନ, ରଞ୍ଜନ ପ୍ରଧାନ, ବାମନ ସାଥୁଆ ହୋମଗାର୍ଡ ଭାଗୀରଥି ମଙ୍ଗରାଜ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ପ୍ରମୁଖଙ୍କୁ ନେଇ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଶ୍ରୀକୁମାର ଖୁଣ୍ଟିଆ ଖୋର୍ଦ୍ଧା ଜିଲା ଜୀବନବିନ୍ଦୁ ସହ ସଂଯୋଜକ ନିଯୁକ୍ତ

**ବୋଲଗଡ଼,୨୪।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ପୂର୍ବତନ ବିଜୁ ଯୁବ ଜନତା ଦଳ ସଭାପତି ଶ୍ରୀକୁମାର ଖୁଣ୍ଟିଆ(ପ୍ରଭାତ)ଙ୍କୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ପାଇଁ ସହ ସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ ଜୀବନବିନ୍ଦୁ କାର୍ଯ୍ୟକ୍ରମ ପାଇଁ ପ୍ରଭାତଙ୍କୁ ସହ ସଂଯୋଜକ ଭାବେ ନିଯୁକ୍ତ କରିଛନ୍ତି। ପ୍ରଭାତଙ୍କ ନୂତନ ନିଯୁକ୍ତି ନେଇ ବୋଲଗଡ଼-ବେଗୁନିଆ ଅଞ୍ଚଳର ବିଜେଡି କର୍ମୀମାନେ ଖୁସିବ୍ୟକ୍ତ କରିଛନ୍ତି। ବୋଲଗଡ଼ ବ୍ଲକ ମାଣିବନ୍ଧ ଗ୍ରାମର ପ୍ରଭାତଙ୍କ ଘର ହୋଇଥିବା ବେଳେ ମିଳିଥିବା ଦାୟିତ୍ୱକୁ ଦୃଢତାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏଥିପାଇଁ ଜଲାର ସମସ୍ତ ନେତୃମଣ୍ଡଳୀଙ୍କ ସହଯୋଗ କାମନା କରିଛନ୍ତି।

### କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ସାକ୍ଷୀଗୋପଳ,୨୪।୯(ସ୍ୱ.ପ୍ର.)-** ସତ୍ୟବାଦୀ ଥାନା ସାକ୍ଷୀଗୋପାଳର ବାଟମହାବୀର ମନ୍ଦିର ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏକ କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବୀରରାମଚନ୍ଦ୍ରପୁରସ୍ଥିତ ତାଳପଡ଼ା ଗ୍ରାମର ଲିଲି ସ୍ୱାଇଁ(୩୨)। ଖବରପାଇ ସତ୍ୟବାଦୀ ଆଇଆଇସି ଦେବୀପ୍ରସାଦ ପାତ୍ର ଦୁର୍ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ, ଲିଲି ଓ ତାଙ୍କ ପୁଅ କୌଣସି କାର୍ଯ୍ୟରେ ଅପରାହ୍ନ ୪ଟାରେ ବାଟମହାବୀର ମନ୍ଦିର ନିକଟରେ ଥିବା ସ୍ୱର୍ଣ୍ଣ ମଣ୍ଡପକୁ ଯାଇଥିଲେ। କାର୍ଯ୍ୟ ସାରି ରାଜରାସ୍ତା ଦେଇ ମା'ପୁଅ ଘରକୁ ଫେରୁଥିବାବେଳେ ହଠାତ୍ ଦ୍ରୁତ ଗତିରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସୁଥିବା ଏକ କଳାରଙ୍ଗର ନଂ. ଡବ୍ଲୁବି ୦୨ ଏଆର୍ ୨୦୦୨ କାର୍‌ଟି ଧକ୍କା ଦେଇଥିଲା। ମହିଳା ଛିଟିକି ପଡ଼ିଥିବାବେଳେ ପୁଅକୁ ଜଣେ ବ୍ୟକ୍ତି ପଛକୁ ଟାଣି ଦେବାରୁ ବର୍ତ୍ତିଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ମହିଳାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ପଠାଇବା ସହ କାର୍‌କୁ ଅଟକ ରଖିଥିଲେ। ହେଲେ ଡାକ୍ତରଖାନାରେ ମହିଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ପୋଲିସ ପହଞ୍ଚି କାର୍‌କୁ ଜବତ କରି ଡ୍ରାଇଭରଙ୍କୁ ଥାନାକୁ ନେଇଛି। ସେହିଭଳି କାର୍‌ଟିରେ ପୋଲିସ ଲେଖାଯାଇଥିବାରୁ ଅଧିକ ପଚରଉଚୁରା କରୁଛି। ଖବର ଲେଖା ହେବା ବେଳକୁ କୌଣସି ଅଭିଯୋଗ ହୋଇ ନାହିଁ।

## ୱେବ୍ ଖବରଦାତାଙ୍କ ଗିରଫ ଦାବି, ଥାନା ଘେରାଉ

**ବାଣପୁର,୨୪।୯(ଡି.ଏନ୍.ଏ.)**

**ଟିକା ଦେବାକୁ କହି ଟଙ୍କା ମାଗୁଥିଲେ**

କରୋନା ଟିକା ପାଇଁ ଏବେ ବି ଲୋକେ ହଇରାଣ ହେଉଛନ୍ତି। କେହି ଦୀର୍ଘ ସମୟ ପର୍ଯ୍ୟନ୍ତ ଧାଡ଼ିରେ ଛିଡ଼ା ହୋଇ ଟିକା ସରିଯିବା ଶୁଣି ନିରାଶରେ ଫେରୁଥିବା ବେଳେ ଅନ୍ୟ କେଉଁଠି ସ୍ଲଟ ବୁକିଂ ହୋଇପାରୁ ନ ଥିବାରୁ ବଞ୍ଚିତ ହେଉଛନ୍ତି। ଏହିକ୍ରମରେ ଦୁଇ ଜଣ ଯୁବକ ୱେବ ପୋର୍ଟାଲରେ ଖବରଦାତା ଭାବେ ପରିଚୟ ଦେଇ ବାଣପୁର ବିଜ୍ଞପିତ ପରିଷଦର ୯ନଂ. ୱାର୍ଡ ମୁସଲିମ ସାହି ଟିକା କେନ୍ଦ୍ରରେ ଗଣ୍ଡଗୋଳ କରିବା ସହ ଟିକାକରଣ ପାଇଁ ଗ୍ରାମବାସୀଙ୍କ ଠାରୁ ଟଙ୍କା ଦାବି କରିବା ଏବଂ ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପଟେ ଟିକାକେନ୍ଦ୍ରରେ ସେମାନଙ୍କୁ ଗାଳିଗୁଲଜ ସହ ମାଡ଼ ମରାଯାଇଥିବା ଏହି ଦୁଇ ଖବରଦାତା ଅଭିଯୋଗ କରିଛନ୍ତି।

ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଦୁଇଟି ମାମଲା (ନଂ.୩୨୭, ୩୨୮/୨୧) ରୁଜୁକରି ତଦନ୍ତ ଚଳାଇଛି। ଗୁରୁବାର ରାତିରେ ସମ୍ପୃକ୍ତ ଖବରଦାତା ଦ୍ୱୟ ସାହିରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଶୁକ୍ରବାର ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଅପରାହ୍ନରେ ଗ୍ରାମର ଦୁଇ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବାଣପୁର ଥାନାରେ ପହଞ୍ଚି ଅଭିଯୋଗ କରିବା ସହ ସମ୍ପୃକ୍ତ ଖବରଦାତାଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣା ଦେଇଥିଲେ। ତଦନ୍ତ ଅନୁଯାୟୀ ଖୁବଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ନେତା ରମେଶ ଚନ୍ଦ୍ର ପରିଡ଼ା ଓ ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଉଛନ୍ତି।

## ପିପିଲି ଉପନିର୍ବାଚନ ଭୋଟ ଗଣତି ନିମନ୍ତେ ତାଲିମ

**ପୁରୀ ଅଫିସ, ୨୪।୯**

ପିପିଲି ଉପନିର୍ବାଚନ ଭୋଟ ଗଣତି ପାଇଁ ଶୁକ୍ରବାର ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁପରଭାଇଜର ଓ କାଉଣ୍ଟିଂ ଆସିଷ୍ଟାଣ୍ଟମାନଙ୍କୁ ତାଲିମ ଦିଆଯାଇଛି। ଆସନ୍ତା ୩୦ ତାରିଖରେ ମତଦାନ ହୋଇ ଅକ୍ଟୋବର ୩ରେ ଭୋଟଗଣତି ହେବ। ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ ସାହୁ ତାଲିମ ପ୍ରଦାନ କରିଥିଲେ। ଗଣତି ପାଇଁ ଦୁଇଟି କକ୍ଷରେ ୧୪ଟି ଟେବୁଲ ଏବଂ ଅନ୍ୟ ଗୋଟିଏ ଟେବୁଲରେ ପୋଷ୍ଟାଲ ବାଲଟ ଗଣତି କରାଯିବ। ଗଣତି ସମ୍ବନ୍ଧୀୟ ସମସ୍ତ ପ୍ରସଙ୍ଗ ଉପରେ ତାଲିମ ଦିଆଯାଇଥିଲା। ଆସନ୍ତା ୨୮ ତାରିଖରେ ପୋଲିଂ ପାର୍ଟି ପିପିଲି ଓ ଡେଲାଙ୍ଗରେ ଥିବା ବୁଥ୍ ଯାତ୍ରା କରିବେ। ଏଥିନିମନ୍ତେ ପେଣ୍ଠକଟାସ୍ଥିତ ୱେୟାର ହାଉସ୍‌ରେ ପ୍ରସ୍ତୁତି କରାଯାଇଛି। ଆସନ୍ତା ୩୦ ତାରିଖରେ ଭୋଟ ଗ୍ରହଣ ସାରି ପୋଲିଂ ଦଳ ଆସିବା ପରେ ଇଭିଏମ୍‌ଗୁଡ଼ିକୁ ସୁରକ୍ଷିତ ରଖାଯିବାର ପ୍ରସ୍ତୁତି ସରିଛି। ଏହି ଅବସରରେ ସାଧାରଣ ପର୍ଯ୍ୟବେକ୍ଷକ ଏମ୍. ବୀରବ୍ରହ୍ମୟା, ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ପ୍ରଦୀପ ସାହୁ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ସୁବାସନାଥ ଶର୍ମା, ଡେପୁଟି କଲେକ୍ଟର ସୁମନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

## ନଭେମ୍ବର ୧ ସୁଦ୍ଧା ଜାଗା ଖାଲି ନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ

**'ଏକାମ୍ର କ୍ଷେତ୍ର ଯୋଜନା'ରେ ହାଇକୋର୍ଟଙ୍କ ରାୟ**





**ଭୁବନେଶ୍ୱର,୨୪।୯ (ବ୍ୟୁରୋ)**

'ଏକାମ୍ର କ୍ଷେତ୍ର ଆମେନିଟିଜ୍ ଆଣ୍ଡ ମନୁମେଣ୍ଟସ ରିଭାଇଭାଲ୍ ଆର୍ବନ ପ୍ଲାନ' ଯୋଜନାରେ ବିଏମ୍‌ସି ଉପଯୁକ୍ତ କ୍ଷତିପୂରଣ ନ ଦେଇ ଘରୋଇ ଜମି ଅଧିଗ୍ରହଣ କରିବାକୁ ବିରୋଧ କରି ହାଇକୋର୍ଟରେ ଆଗତ ୨ଟି ମାମଲାର ରାୟ ପ୍ରକାଶ ପାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ଆସନ୍ତା ନଭେମ୍ବର ୧ ତାରିଖ ମଧ୍ୟରେ ଜାଗା ଖାଲି କରିବା ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ଠାରୁ ଧାର୍ଯ୍ୟ କ୍ଷତିପୂରଣ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ନ ହେଲେ ବିଏମ୍‌ସି ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହିତ ଡବ୍ଲ୍ୟୁପି(ସି) ୨୪୨୧୧ରେ ୫ ଅକ୍ଟୋବର ୨୦୨୦ରେ ଦିଆଯାଇଥିବା ସ୍ଥଗିତାଦେଶକୁ ଉଠାଇ ଦିଆଯାଇଛି ବୋଲି ଖଣ୍ଡପୀଠ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ଏକାମ୍ର କ୍ଷେତ୍ର ଯୋଜନାରେ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣକୁ ବିରୋଧ କରି ଶ୍ରୀବତ୍ସ ପଣ୍ଡା, ତାଙ୍କ ଝିଅ ମିତୁଶ୍ରୀ ପଣ୍ଡା ଏବଂ ଶ୍ରୀପତି ପୂଜାପଣ୍ଡା ୨୦୨୦ରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଖୋର୍ଦ୍ଧା ଜିଲାପାଳ, ବିଏମ୍‌ସି ଏବଂ ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ହାଇକୋର୍ଟରେ ୨ଟି ରିଟ୍ ଆବେଦନ କରିଥିଲେ। ଉକ୍ତ ଅଦାଲତ ଉକ୍ତ ଆବେଦନର ଶୁଣାଣି କରି ଅକ୍ଟୋବର ୫ରେ ଏକ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥିତାବସ୍ଥା ଜାରି କରିଥିଲେ। ଅପରପକ୍ଷରେ ନଭେମ୍ବର ୧୮ରେ ବିଏମ୍‌ସି ପକ୍ଷରୁ ହାଇକୋର୍ଟରେ କାଉଣ୍ଟର ଆଫିଡେଭିଟ୍ ଫାଇଲ ହୋଇଥିଲା।

## ମା'ଙ୍କ ଅଭିଯୋଗରେ ପୁଅ ଗିରଫ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

**ଝିଅକୁ କଚାଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ**

ନିଶା ସେବନ କରି ପରିବାର ଲୋକଙ୍କୁ ଗାଳି ଦେବା ସହ ସ୍ତ୍ରୀଙ୍କୁ ମାଡ଼ ମାରୁଥିଲେ। ବାରମ୍ବାର କ୍ଷମା ମାଗି ମଧ୍ୟ ପୁନର୍ବାର ସେହି କାମ କରୁଥିଲେ। ପୁଅ ନିର୍ଯାତନାରେ ଅତିଷ୍ଠ ହୋଇଯାଇଥିଲେ ମା'। ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ରଙ୍ଗମାଟିଆ ଗ୍ରାମର ଅସିତ୍ ସାମଲ(୩୯)।



ସୂଚନା ଅନୁଯାୟୀ, ଅସିତ ପ୍ରାୟ ସମୟରେ ମଦ୍ୟପାନ କରି ପରିବାର ଲୋକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରୁଥିଲେ। ମଦ କିଣିବା ପାଇଁ ଟଙ୍କା ମାଗି ପରିବାର ଲୋକଙ୍କ ସହ ଝଗଡା କରୁଥିଲେ। ତେବେ ଗୁରୁବାର ଅସିତ ଅତ୍ୟଧିକ ମଦ୍ୟପାନ କରି ତାଙ୍କ ସ୍ତ୍ରୀଙ୍କୁ ମାଡ ମାରିବା ସହ ନିଜ ୬ମାସର କଅଁଳ ଝିଅକୁ ତଳେ କଚାଡି ମାରିଦେବାକୁ ଉଦ୍ୟମ କରିଥିଲେ। ଏପିରିକ ଏକ କଇଁଚି ଧରି ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଗୋଡାଇଥିଲେ। ଏନେଇ ତାଙ୍କ ମା' କଳ୍ପନା ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୪୯୮ଏ, ୩୪୧, ୩୨୩, ୩୦୭, ୨୯୪, ୫୦୬ରେ ଏକ ମାମଲା ( ନଂ.୨୯୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ପାଇକ ବୀରତ୍ୱ ଗାଥା ବଖାଣିବ 'ବିଦ୍ରୋହୀ'

**ଖୋର୍ଦ୍ଧା ଅଫିସ,୨୪।୯:** ସ୍ୱାଧୀନତା ସଂଗ୍ରାମ କଥା ମନେ ପଡ଼ିଲେ, ପ୍ରତ୍ୟେକ ଓଡ଼ିଆଙ୍କ ମନରେ ପାଇକ ବିଦ୍ରୋହର ଛବି ଆସିଯାଏ। ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ମିଳିଥିବା ପାଇକ ବିଦ୍ରୋହ ସାରା ଦେଶ ଦେଖିବ। ଖୁବଶୀଘ୍ର ଏକ ଘରୋଇ ଚ୍ୟାନେଲରେ ଧାରାବାହିକ 'ବିଦ୍ରୋହୀ'ପ୍ରସାରଣ ହେବାକୁ ଯାଉଛି। ଏଥିରେ ପାଇକ ବୀର ବକ୍ସି ଜଗବନ୍ଧୁଙ୍କ ସମେତ ଅନ୍ୟ ପାଇକ ବୀରଙ୍କ ଦେଶପ୍ରେମର ଝଲକ ସାରା ଭାରତବର୍ଷ ଦେଖିବ। ୧୮୦୪ରେ ଜୟୀ ରାଜଗୁରୁ ଏବଂ ୧୮୧୭ ପାଇକ ବିଦ୍ରୋହ ଥିଲା ବ୍ରିଟିଶ ସରକାରଙ୍କ ବିରୋଧରେ ସଶକ୍ତ ସଂଗ୍ରାମ। ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏବେ ଏହି ଧାରାବାହିକ ପ୍ରସାରଣକୁ ଦେଶବାସୀ ଚାହିଁ ବସିଛନ୍ତି।



ବିଳମ୍ବରେ ହେଲେ ମଧ୍ୟ ଜାତୀୟ ସ୍ତରରେ ପାଇକ ବିଦ୍ରୋହର କାହାଣୀ ପ୍ରସାରିତ ହେବାକୁ ଯାଉଛି। ଏହା ଜାଣିବା ପରେ ମୁଁ ଅତ୍ୟନ୍ତ ଆନନ୍ଦିତ। ମାତୃଭୂମି ପ୍ରତି ଦାୟିତ୍ୱବୋଧ, ରାଷ୍ଟ୍ରୀୟତା ଭାବକୁ ପ୍ରକାଶ କରେ ପାଇକ ବିଦ୍ରୋହ। କିପରି ନିଜ ମାଟିର ସୁରକ୍ଷା ପାଇଁ ପାଇକ ବୀରମାନେ ନିଜ ଜୀବନକୁ ବଳିଦାନ କରିଥିଲେ। ତାହା ଆଜି ସାରା ଦେଶ ଦେଖିବ। ପାଇକ ବିଦ୍ରୋହ ରାଷ୍ଟ୍ରୀୟତା, ଜାତୀୟତା, ମାତୃପ୍ରୀତିର ପରିଚୟ ବହନ କରେ।

**-ଡ.ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**



ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ଏକ ପ୍ରମୁଖ ଚ୍ୟାନେଲରେ ପ୍ରସାରିତ ହେବ। ଏହା ଏକ ଗୌରବର ବିଷୟ। ଏହି ଧାରାବାହିକ ବକ୍ସିଙ୍କ ଜୀବନୀ କାହାଣୀ ଉପରେ ଆଧାରିତ। ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ନେଇ ବିତର୍କ ଚାଲିଥିବା ବେଳେ ଏହି ଧାରାବାହିକ ବାସ୍ତବ ତଥ୍ୟ ସମାଜକୁ ଆଣିବ ବୋଲି ବିଶ୍ୱାସ ରହିଛି।

**-କୃଷ୍ଣଚନ୍ଦ୍ର ହରିଚନ୍ଦନ,ସମ୍ପାଦକ, କଳିଙ୍ଗ ପାଇକ ସଙ୍ଗଠନ**



ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ଏ ଜାତି ପାଇକ ବୀରଙ୍କ ବୀରତ୍ୱ ପାଇଁ ସେମାନଙ୍କ ନିକଟରେ ଚିର ଋଣୀ ହୋଇ ରହିବ। ପାଇକ ବୀରଙ୍କ ପାଇଁ ଜାତୀୟ ସ୍ତରରେ ଓଡ଼ିଆଙ୍କ ଗୌରବ ବୃଦ୍ଧି ପାଇଛି। ଆଜି ସାରା ଭାରତବର୍ଷ ବକ୍ସି ଏବଂ ପାଇକ ବୀରଙ୍କ ତ୍ୟାଗ, ବଳିଦାନକୁ ଦେଖିବ। ଏବେ ମଧ୍ୟ ସ୍ୱାଧୀନତାର ସଂଗ୍ରାମର ଇତିହାସକୁ ମନେ ପକାଇଲା ବେଳେ ଦେହରେ ଶିହରଣ ଖେଳିଯାଉଛି। ଏହା ଉପରେ ଆହୁରି ଗବେଷଣା ହେବା ଜରୁରୀ।

**-ଭୀମସେନ ପ୍ରଧାନ, ଶିକ୍ଷାବିତ୍**



ପାଇକ ବିଦ୍ରୋହ ବ୍ରିଟିଶ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମର ମୂଳଦୁଅ ପକାଇଥିଲା। ପାଇକଙ୍କ ବୀରତ୍ୱ, ସୌର୍ଯ୍ୟ ଆଗରେ ବ୍ରିଟିଶ ମଥା ନୁଆଁଇଥିଲା। ନିଜ ମାଟିର ସୁରକ୍ଷା ପାଇଁ ପାଇକଙ୍କ ବଳିଦାନ, ତ୍ୟାଗ, ନିଷ୍ଠା ଅତୁଳନୀୟ। ଜାତୀୟ ସ୍ତରରେ ଏହି ଧାରାବାହିକ ପ୍ରାସରିତ ହେଲେ ଏହାର ଗୌରବ ବୃଦ୍ଧି ସହ ପାଇକ ବିଦ୍ରୋହ ସମ୍ପର୍କରେ ଯୁବପିଢି, ଗବେଷକଙ୍କ ମଧ୍ୟରେ ଉତ୍ସାହ ଆଣିଦେବ।

**-ପ୍ରଫେସର ନାରାୟଣ ରାଓ, ନ୍ୟାଶନାଲ ଫେଲୋ(ଜା.ଗ.ପ୍ରତିଷ୍ଠାନ)**



ପାଇକଙ୍କ ଯୋଗୁ ଏ ମାଟି ଧନ୍ୟ ହୋଇଛି। ଦ୍ୱିଶତ ବାର୍ଷିକୀ ଅବସରରେ ସାରା ଦେଶ ପାଇକ ବିଦ୍ରୋହ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ। ଏବେ ଘରୋଇ ଚ୍ୟାନେଲରେ ପ୍ରସାରଣ ହେବାକ ଥିବା ବିଦ୍ରୋହୀ ଧାରାବାହିକରେ ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ସମ୍ପର୍କରେ ଜାଣିବାକୁ ପାଇବେ। ବ୍ରିଟିଶ ବିରୋଧରେ କେବଳ ଏହା ଏକ ସଂଗ୍ରାମ ନ ଥିଲା ବରଂ ଜାତୀୟତା ଏବଂ ଦେଶମାତୃକା ପ୍ରତି ରହିଥିବା କର୍ତ୍ତବ୍ୟର ଭାବକୁ ପ୍ରକାଶ କରେ।

**-ମେଜର କ୍ଷୀରୋଦ ମହାନ୍ତି, ପୂର୍ବତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**



ଏହି ଧାରାବାହିକ ପ୍ରସାରିତ ହେଲେ ବକ୍ସି ଏବଂ ପାଇକଙ୍କ ବୀରତ୍ୱର ଗାଥା, ସେମାନଙ୍କ ସୌର୍ଯ୍ୟ ଆଗରେ କିପରି ବ୍ରିଟିଶ ସରକାର ମଥା ନୁଆଇଁବାକୁ ବାଧ ହୋଇଥିଲା ସେ ସମ୍ପର୍କ ଜାଣିବାକୁ ପାଇବେ। ଏହା ଓଡ଼ିଆଙ୍କ ଗୌରବ ବୃଦ୍ଧି ସହ ଇତିହାସରେ ଏହାର ଗୌରବର ଗାଥା ସ୍ମରଣୀୟ ହୋଇରହିବ। ଆଗାମୀ ଯୁବପିଢ଼ିଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ପାଲଟିବ।

**-ପ୍ରାଧାପକ ଗୋପାଳକୃଷ୍ଣ ଦାସ, ଐତିହ୍ୟ ଗବେଷକ**



ଯେଉଁମାନେ ଏ ଦେଶ ପାଇଁ ସଶକ୍ତ ସଂଗ୍ରାମ କରି ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି, ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଆମର କର୍ତ୍ତବ୍ୟ। ସେମାନଙ୍କ ବଳିଦାନର ନିଦ୍ଧର୍ଶନ ପୂର୍ବକ ଦେଶ ଆଜି ଅମୃତ ମହୋତ୍ସବ ପାଳନ କରୁଛି। ସ୍ୱାଧୀନତା ସଂଗ୍ରାମ କଥା ଆସିଲେ, ଆଗ ଧାଡ଼ିରେ ପାଇକ ବୀରଙ୍କ ବୀରତ୍ୱର ଗାଥା ଆସିବ। ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ଉପରେ ପ୍ରସାରିତ ହେବାକୁ ଯାଉଥିବା ଧାରାବାହିକ 'ବିଦ୍ରୋହୀ' ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଜିଣିବ। ଏଥିସହ ଆଗାମୀ ପିଢିଙ୍କୁ ଉତ୍ସାହିତ କରିବ।

**-ସତ୍ୟବାଦୀ ବଳିୟାରସିଂ, ଗବେଷକ**



ଛାତ୍ର ଜୀବନରୁ ପାଇକ ବୀରଙ୍କ ବୀରତ୍ୱ କାହାଣୀ ସମ୍ପର୍କରେ ଶୁଣି ଆସିଛି। ଏବେ ପ୍ରତ୍ୟକ୍ଷ ଭାବେ ଧାରାବାହିକରେ ଦେଖିବାର ସୁଯୋଗ ମିଳିବ। ଏହି ଧାରାବାହିକ ମାଧ୍ୟରେ ପ୍ରତ୍ୟେକ ଭାରତୀୟ ପାଇକ ବୀରଙ୍କ ଗାଥାକୁ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ପାଇବେ। କିପରି ସାରା ଦେଶକୁ ନିଜ ଅକ୍ତିଆରରେ ରଖିଥିବା ବ୍ରିଟିଶ ସରକାର ପାଇକଙ୍କ ଆଗରେ ନିଜ ମଥା ନୁଆଁଇଥିଲା, ଆଜି ସାରା ଦେଶ ଦେଖିବ।

**-ଶୋଭନ ଘୋଷ, ଆବାହକ ଖୋର୍ଦ୍ଧା ସୁରକ୍ଷା ମଞ୍ଚ**

ଜଣେ ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରୁଛି। ଏପରି ଏକ ମାଟିରେ ଜନ୍ମ ହୋଇଛି, ଯାହାର ରାଷ୍ଟ୍ର ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଏ ଜାତିକୁ ଗୌରବାନ୍ୱିତ କରିଛନ୍ତି ପାଇକ ବୀର। ଏ ଜାତି ସର୍ବଦା ପାଇକ ବୀରଙ୍କ ଆଗରେ ଚିରଋଣୀ ହୋଇ ରହିବ। ଏହି ଧାରାବାହିକ ପ୍ରସାରିତ ହେଲେ ସାରା ଭାରତବର୍ଷ ଦେଖିବ ପାଇକଙ୍କ ବୀରତ୍ୱର କାହାଣୀ।



**-ଶକ୍ତିଶଙ୍କର ମିଶ୍ର, ସଭାପତି ଖୋର୍ଦ୍ଧା ବିକାଶ ପରିଷଦ**



ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହର ଏକ ମହତ୍ତ୍ୱ ଭୂମିକା ରହିଛି। ଆଗାମୀ ପିଢି ପାଇକଙ୍କ ବୀରତ୍ୱ ସମ୍ପର୍କରେ ଜାଣିବାକୁ ସୁଯୋଗ ପାଇବେ। କିପରି ବଣ, ଜଙ୍ଗଲରେ ରହି ବ୍ରିଟିଶ ସରକାରଙ୍କ ବିରୋଧରେ ସଶକ୍ତ ସଂଗ୍ରାମ କରୁଥିଲେ, ମାତୃଭୂମିର ସୁରକ୍ଷା ପାଇଁ ହସି ହସି ବଳିଦାନ ଦେଇଛନ୍ତି। ସେହି ବୀରତ୍ୱର ଗାଥା ସମସ୍ତଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ବିଦ୍ରୋହୀ ଧାରାବାହିକରେ ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ପୁଣି ଥରେ ସେହି ସଂଗ୍ରାମଙ୍କୁ ମନେପକାଇବ। ସାରା ଦେଶ ଏହି ମହାନ୍ ସଂଗ୍ରାମୀଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ପାଇବ।

**-ଜ୍ଞାନ ରଞ୍ଜନ ଦାଶ, ବରିଷ୍ଠ ସାହିତ୍ୟିକ**

**୭ ଫୁଟର ଅଜଗର ଉଦ୍ଧାର**

ଖୁଣ୍ଟୁଣୀ,(ଡି.ଏନ.ଏ.): ଗୁରୁଡିଝାଟିଆ ଥାନା କପୁରସିଂସ୍ଥିତ ଏକ କାରଖାନା ସମ୍ମୁଖରୁ ଶୁକ୍ରବାର ରାତି ସାଢ଼େ ୮ରେ ୭ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟି ନିକଟସ୍ଥ ଜଙ୍ଗଲରୁ ଆସି କାରଖାନାର ଓଜନ କଣ୍ଟା ନିକଟରେ ରହିଥିଲା। ଖବରପାଇ ଆଠଗଡ଼ର ସ୍ନେକ୍ ହେଲ୍ପଲାଇନ ସଦସ୍ୟ ସୁଶାନ୍ତ କୁମାର ପାତ୍ର ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରିବା ପରେ ନିକଟସ୍ଥ ସୁବାସୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୦୯।୨୦୨୧

| | |
|---|---|
| ୩,୧୯,୭୯୩ ଟଙ୍କା | |
| ସୁନା | ୭୮୦ ମିଲିଗ୍ରାମ |
| ରୁପା | ୯୭,୯୬୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସୃଷ୍ଟି ଏକାଡେମୀ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ 'କ୍ୟାମ୍ପସ ଟୁ କର୍ପୋରେଟ' ଉପରେ ଖବରଦାତା ସମ୍ମିଳନୀ, ହୋଟେଲ ପଦ୍ମଜା ପ୍ରିମିୟମ, ଚନ୍ଦ୍ରଶେଖରପୁର, ଅପରାହ୍ଣ ୪ଟା।
- ଶିଳାଶ୍ରୀ ସଂସ୍ଥା ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସମାରୋହ, ବୁଦ୍ଧ ମନ୍ଦିର ସଭାଗୃହ. ୟୁନିଟ-୯, ଅପରାହ୍ଣ ୫ଟା।

**କଟକ**

- ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ନୂତନ କୋଠା ଉଦ୍‌ଘାଟନ ଉତ୍ସବ, ବେଲ୍‌ଭ୍ୟୁ ଛକ, ପୂର୍ବାହ୍ଣ ୧୧ଟା।
- ରାଜ୍ୟ ସଭା ସଦସ୍ୟ ଚନ୍ଦ୍ର ସିଂଙ୍କ ରେଭେନ୍‌ଶା କଲିଜିଏଟ ହାଇସ୍କୁଲ ପରିଦର୍ଶନ, ହାଇକୋର୍ଟ ସ୍କୋୟାର, ମଧ୍ୟାହ୍ନ ୧୨ଟା ୧୦।

**ଖୋର୍ଦ୍ଧା**

- ହଳଦିଆ କଲେଜ ପକ୍ଷରୁ ରକ୍ତଦାନ ଶିବିର, କଲେଜ ପରିସର, ସକାଳ ୯ଟା ୩୦।

# ୪୨ଜଣଙ୍କୁ ଜାତୀୟ ସେବା ଯୋଜନା ପୁରସ୍କାର

**ଓଡ଼ିଶାରୁ ବିକ୍ରମ ବିଶୋଇ, ଜନ୍ମେଜୟ ଗିରି ପୁରସ୍କୃତ**

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

୨୦୧୯-୨୦ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଭର୍ଚୁଆଲରେ ଆୟୋଜିତ ସମାରୋହରେ ବିଶ୍ୱବିଦ୍ୟାଳୟ, ଯୁକ୍ତ୨ ପରିଷଦ, ଏନ୍‌ଏସ୍‌ଏସ୍ ୟୁନିଟ୍, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସମେତ ବିଭିନ୍ନ ବର୍ଗର ୪୨ଜଣଙ୍କୁ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଦୁଇଜଣ ଓଡ଼ିଆ ରହିଛନ୍ତି। ସ୍ୱେଚ୍ଛାସେବୀ ବର୍ଗରେ ଓଡ଼ିଶାର ବିକ୍ରମ ବିଶୋଇ ଓ ଜନ୍ମେଜୟ ଗିରି ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ବିକ୍ରମ ହେଉଛନ୍ତି ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍‌ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ। ସେ କଲେଜର ପୋଷ୍ୟ ଗ୍ରାମରେ ସାମାଜିକ କାର୍ଯ୍ୟରେ ଜଡ଼ିତ ଅଛନ୍ତି। ସେ ଚିଲିକା ହ୍ରଦ ନିକଟରେ ସ୍ୱାସ୍ଥ୍ୟ ସଚେତନତା, ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ସାଇକେଲ ରାଲି ଓ ଷ୍ଟ୍ରିଟ୍ ପ୍ଲେ ମାଧ୍ୟମରେ ସଚେତନତା, ସମାନତା ଓ ଲିଙ୍ଗଭେଦ ସମ୍ବେଦନଶୀଳତାର ମୂଲ୍ୟବୋଧ ପାଇଁ ବାଲୁଗାଁରେ ଆଇନଗତ ସଚେତନତା, ମତ୍ସ୍ୟଜୀବୀ ପରିବାର ମଧ୍ୟରେ ଶିକ୍ଷାର ପ୍ରୋତ୍ସାହନ ତଥା ସ୍କୁଲ ଡ୍ରପ୍‌ଆଉଟ୍ ପିଲାଙ୍କ ଆଡ୍‌ମିଶନ ପାଇଁ ସେ କାର୍ଯ୍ୟ କରିଛନ୍ତି। ସେ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ ରାଜ୍ୟ ତଥା ଜିଲାସ୍ତରୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ସେହିଭଳି ଜନ୍ମେଜୟ ମୟୂରଭଞ୍ଜ ଜିଲା ସୀମାନ୍ତ ମହାବିଦ୍ୟାଳୟର ଜଣେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ। କଲେଜର ପୋଷ୍ୟ ଆଦିବାସୀ ଗ୍ରାମରେ ସେ ସେବା କରିଛନ୍ତି। ଏନ୍‌ଏସ୍‌ଏସ୍ ୟୁନିଟ୍ ସହାୟତାରେ ଗାଁର ମୌଳିକ ସୁବିଧା ଯଥା ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ସହ ବୃକ୍ଷରୋପଣରେ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ସେ ମଧ୍ୟ ବିଶ୍ୱବିଦ୍ୟାଳୟ ସ୍ତରର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପୁରସ୍କାର ୨୦୨୦ ଏବଂ କଲେଜ ସ୍ତରର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପୁରସ୍କାର ୨୦୧୯ ପାଇଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, କୋଭିଡ୍-୧୯ ଭଳି ବିପଦ ସମୟରେ ଏନ୍‌ଏସ୍‌ଏସ୍ ଦ୍ୱାରା ୨.୩ କୋଟିରୁ ଅଧିକ ମାସ୍କ ପ୍ରସ୍ତୁତ କରାଯାଇ ଦେଶର ବିଭିନ୍ନ ସ୍ଥାନରେ ବିତରଣ କରାଯାଇଥିଲା। ଏହାର ସ୍ୱେଚ୍ଛାସେବୀମାନେ ହେଲ୍ପଲାଇନ ମାଧ୍ୟମରେ ଲୋକଙ୍କୁ କୋଭିଡ୍ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହିତ ଜିଲା ପ୍ରଶାସନକୁ ସଚେତନତା ଏବଂ ରିଲିଫ୍ କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଯୋଗଦେଇଥିଲେ।



ପରିବାର ସହ ଓଡ଼ିଶା ଗସ୍ତରେ ଆସିଥିବା ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍. ଭି. ରମନା ଶୁକ୍ରବାର ରାତିରେ ପୁରୀରେ ପହଞ୍ଚିବା ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖୁଛନ୍ତି। ତାଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ, ପୁରୀ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନ୍‌ୱର ବିଶାଲ ସିଂ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର, ସୁପ୍ରିମକୋର୍ଟ ବିଚାରପତି ବିନୀତ ଶରନ, ପୁରୀ ଏମ୍‌ପି ପିନାକୀ ମିଶ୍ର ପ୍ରମୁଖ ମନ୍ଦିର ପରିକ୍ରମା କରୁଛନ୍ତି।

## ୩ଦିନ ପାଇଁ ଭୁବନେଶ୍ୱର କୋର୍ଟ ପରିସର ସିଲ୍

**୧୫ ଆଇନଜୀବୀ ଓ ଜୁଡିସିଆଲ କର୍ମଚାରୀ ପଜିଟିଭ୍ ଚିହ୍ନଟ**

ଭୁବନେଶ୍ୱର, ୨୪।୯ (ବ୍ୟୁରୋ)

ଭୁବନେଶ୍ୱର କୋର୍ଟ ଓ ଏହା ପରିସରକୁ ୩ଦିନ ପାଇଁ ସିଲ କରାଯାଇଛି। କୋର୍ଟର ୧୫ଜଣ ଜୁଡିସିଆଲ କର୍ମଚାରୀ ଓ ଆଇନଜୀବୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହାକୁ ସିଲ୍ କରାଯାଇଥିବା ସୂଚନା ଦିଆଯାଇଛି। ସେହିପରି କରୋନା ସଂକ୍ରମଣ ପାଇଁ ଜିଲା କୋର୍ଟ, ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟ, କୋର୍ଟ ପରିସରରେ ଥିବା ବାର୍ ଆସୋସିଏଶନ କାର୍ଯ୍ୟାଳୟ ମଧ୍ୟ ୩ଦିନ ପର୍ଯ୍ୟନ୍ତ ବନ୍ଦ ରହିବ। ଏହାବ୍ୟତୀତ ସମ୍ପୃକ୍ତ ଜୁଡିସିଆଲ କମ୍ପ୍ଲେକ୍ସକୁ ସାନିଟାଇଜ୍ କରାଯିବା ସହ ବିଏମ୍‌ସି ଅଧିକାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରବେଶ ଓ ପ୍ରସ୍ଥାନକୁ ବାରଣ କରାଯାଇଛି। ସଂକ୍ରମିତ କର୍ମଚାରୀ ଓ ଆଇନଜୀବୀଙ୍କୁ ଆଇସୋଲେଶନରେ ରହିବା ସହ ଚିକିତ୍ସା ସମ୍ପର୍କିତ କୌଣସି ଆବଶ୍ୟକତା ହେଲେ ବିଏମ୍‌ସି ସହିତ ଯୋଗାଯୋଗ କରିବାକୁ କୁହାଯାଇଛି। ଆସନ୍ତା ୨୭ରେ କୋର୍ଟ ପରିସର ଖୋଲାଯାଇ ସମସ୍ତ କର୍ମଚାରୀଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## 'ମଲ୍ଟିଲେଭଲ କାର୍ ପାର୍କିଂ କାମ ଶୀଘ୍ର ଶେଷ କର'

ଭୁବନେଶ୍ୱର, ୨୪।୯ (ବ୍ୟୁରୋ)

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ସିଇଓ ତଥା ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ଶୁକ୍ରବାର ଦୁଇ ମଲ୍ଟି ଲେଭଲ କାର୍ ପାର୍କିଂ ସ୍ଥଳ (ଏମ୍‌ଏଲ୍‌ସିପି) ବୁଲି ଦେଖିଛନ୍ତି। ରାଜମହଲ ଓ ଶହୀଦନଗରଠାରେ ନିର୍ମାଣାଧୀନ ଏହି ପାର୍କିଂ ସ୍ଥଳକୁ ତଦାରଖ କରିବା ସହ ଯଥାଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନରଙ୍କ ସହ ବିଏସ୍‌ସିଏଲ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଇଞ୍ଜିନିୟରିଂ ଟିମ୍ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସହରରେ ପାର୍କିଂ ଓ ଟ୍ରାଫିକ ସମସ୍ୟା ଦୂର ପାଇଁ ୨୦୧୮ରେ ଆରମ୍ଭ ହୋଇଥିବା ସ୍ମାର୍ଟ ଜନପଥ ପ୍ରକଳ୍ପରେ ମଲ୍ଟି ଲେଭଲ କାର୍ ପାର୍କିଂ ସ୍ଥଳ ନିର୍ମାଣ ଚାଲିଛି। ୨ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଏଯାବତ୍ ତାହା ସରିପାରି ନାହିଁ।

## ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଥିଲେ ତ୍ୟାଗ, ଭକ୍ତିର ସମାହାର

ଭୁବନେଶ୍ୱର, ୨୪।୯ (ବ୍ୟୁରୋ): ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ ମହାନ ସନ୍ଥ ଭାବେ ଯେତିକି ପୂଜନୀୟ, ଭଗବତ ଗୀତାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ସେତିକି ବନ୍ଦନୀୟ। ସେ ଥିଲେ ତ୍ୟାଗ, ସେବା, ପ୍ରେମ ଓ ଭକ୍ତିର ସମାହାର। ତାଙ୍କ ଆଦର୍ଶରୁ ଯଦି କିଞ୍ଚିତ ବି ଆମେ ଆମ ଜୀବନରେ ଉପଯୋଗ କରିପାରିବା, ତେବେ ଏକ ଆଦର୍ଶ ବ୍ୟକ୍ତିତ୍ୱରେ ପରିଣତ ହୋଇପାରିବା। ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ ପକ୍ଷରୁ ସ୍କୁଲ୍ ପରିସରରେ ଅନୁଷ୍ଠିତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୬ତମ ଜୟନ୍ତୀ ଅବସରରେ ଅତିଥିମାନେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ସଭାପତି ନିରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ସଫଳତା ହାସଲ ପାଇଁ ମାର୍ଗଦର୍ଶନ କରିଥିଲେ। ସାମାଜିକ କର୍ମୀ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାମୀ ଚିଦାନନ୍ଦଙ୍କ ଆଦର୍ଶ, ବ୍ୟକ୍ତିତ୍ୱ ଓ ମହତ୍ ବାଣୀ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ କୁମାର ମହଲା, ଜଷ୍ଟିସ ପି.କେ. ତ୍ରିପାଠୀ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜ, ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଚିଦାନନ୍ଦ ସରସ୍ୱତୀଙ୍କ ସମ୍ପର୍କରେ କହିଥିଲେ।

# 'ଅନ୍ୟକୁ ଭଲ ମଣିଷ ହେବା ପାଇଁ ପ୍ରବର୍ତ୍ତାଅ'

**ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ମୂଲ୍ୟବୋଧଭିତ୍ତିକ ଶିକ୍ଷା ସହିତ ଶିକ୍ଷାନୁଷ୍ଠାନରେ ନିଶା ନିବାରଣ, ରକ୍ତଦାନ ଶିବିର, ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଓ ଦକ୍ଷତା ବିକାଶ ଦିଗରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ କାର୍ଯ୍ୟ କରିବା ଉଚିତ। ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ ସମୟରେ ଡାକ୍ତର ତଥା ବିଶେଷଜ୍ଞମାନଙ୍କୁ ନେଇ ସମ୍ବେଦନଶୀଳତା ଶିବିର ଆୟୋଜନ ହେବା ଆବଶ୍ୟକ ବୋଲି ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି। ଶୁକ୍ରବାର ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ସମାରୋହରେ ପ୍ରମୁଖ ଶାସନ ସଚିବ ମିଶ୍ର ପୌରୋହିତ୍ୟ କରି କହିଛନ୍ତି, କେବଳ ଜଣେ ଉତ୍ତମ ଛାତ୍ର ନୁହେଁ, ଜଣେ ଉତ୍ତମ ଚରିତ୍ରର ମଣିଷ ହେବା ସହିତ ଅନ୍ୟକୁ ସେଭଳି ହେବା ପାଇଁ ପ୍ରବର୍ତ୍ତାଇବାରେ ଏହି ସ୍ୱେଚ୍ଛାସେବୀମାନେ ବ୍ରତୀ ହେବା ଉଚିତ। କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପଓ୍ୱନ୍ କୁମାର ଅଗ୍ରୱାଲ ଯୋଗଦେଇ ଉତ୍ତମ ଚରିତ୍ର ଗଠନରେ ଏନ୍‌ଏସ୍‌ଏସ୍‌ର ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ସ୍ୱେଚ୍ଛାସେବୀମାନେ ପରିବର୍ତ୍ତନର କାରଣ ହୁଅନ୍ତୁ ଏବଂ ସେହି ପରିବର୍ତ୍ତନ ସମାଜ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ହେଉ। ମୁଖ୍ୟବକ୍ତା ଭାବେ ଜାତୀୟ ଯୁବ ପ୍ରକଳ୍ପ ଆବାହକ ମଧୁସୂଦନ ଦାସ ଯୋଗଦେଇ ଛାତ୍ର ଜୀବନରେ ଶୃଙ୍ଖଳା ଓ ରାଷ୍ଟ୍ରନିର୍ମାଣର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଇ ପ୍ରତି ଶିକ୍ଷାନୁଷ୍ଠାନରେ କ୍ୟାମ୍ପସ୍ ଆମ୍ବାସାଡର ନିଯୁକ୍ତି ସହିତ ଏନ୍‌ଏସ୍‌ଏସ୍ ରାଜ୍ୟ ପୁରସ୍କାରଗୁଡ଼ିକ ଏହି ଦିବସରେ ପ୍ରଦାନ କରାଯିବାକୁ ପ୍ରସ୍ତାବ ରଖିଥିଲେ। ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ଶାଖା ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ସମାରୋହରେ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ପ୍ରାରମ୍ଭିକ ସୂଚନା ଏବଂ ଏନ୍‌ଏସ୍‌ଏସ୍ ଇ.ଟି.ଆଇର ପ୍ରଶିକ୍ଷକ ଡ. ନିରଦ ବରଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଅପରାହ୍ଣ ଅଧିବେଶନରେ ୩୦ଟି ଜିଲାରୁ ପ୍ରତିନିଧିତ୍ୱ କରିଥିବା କୃତୀ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରଭୃତି ରାଜ୍ୟସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ କୃତୀ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା।




ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରିନା



@ ଲିଟୁନ୍



@ ଆକାଶ



@ ଶୁଭମ



@ ରାଜଲକ୍ଷ୍ମୀ



@ ବିଭୁ

# ଚିଟ୍‌ଫଣ୍ଡ ଠକେଇ ମାମଲାରେ ରାଜ୍ୟ ସରକାର ଅପରାଧୀ: କଂଗ୍ରେସ

ଭୁବନେଶ୍ୱର,୨୪।୯(ବ୍ୟୁରୋ)



ଚିଟ୍‌ଫଣ୍ଡ ଠକେଇକୁ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ଚିଟ୍‌ଫଣ୍ଡ ଠକେଇ ମାମଲାରେ ରାଜ୍ୟବାସୀଙ୍କର ଦାବି ଥିଲା ଅପରାଧୀ ଦଣ୍ଡ ପାଉ, ଜମାକାରୀ ଟଙ୍କା ପାଉ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଉଭୟ କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାର ପରସ୍ପର ହାତ ମିଳାଇ ଏହି ଉଭୟ ପ୍ରତିଶ୍ରୁତିରୁ ଓହରିଯାଇଛନ୍ତି। ଏଥିରୁ ସରକାର ଅସାଧୁ କମ୍ପାନୀମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ରାଜ୍ୟ କଂଗ୍ରେସ ଅଭିଯୋଗ କରିଛି।

ଶୁକ୍ରବାର ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚିଟ୍‌ଫଣ୍ଡ ଠକେଇର ଜନ୍ମଦାତା ବୋଲି ଅଭିଯୋଗ କରିଛନ୍ତି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ସମବାୟ ସଂଶୋଧନ ଆଇନ ୨୦୦୧ ଓ ରାଜ୍ୟ ବିଜେଡି ସରକାରଙ୍କ ଦ୍ୱାରା ସ୍ୱୟଂ ସହାୟକ ସମବାୟ ଆଇନ ୨୦୦୨ ପ୍ରଣୀତ କରି ଅନେକ ଅସାଧୁ ଚିଟଫଣ୍ଡ କମ୍ପାନୀଙ୍କୁ ସରକାର ଜନ୍ମଦେଲେ। ମୁଖ୍ୟମନ୍ତ୍ରୀ ଓ ଶାସକ ଦଳର ମନ୍ତ୍ରୀ ବିଧାୟକ ମାନେ କମ୍ପାନୀ ତରଫରୁ ଆୟୋଜିତ କାର୍ଯ୍ୟକ୍ରମର ଯୋଗଦେଇ ସେମାନଙ୍କୁ ପ୍ରଶଂସା କରିବା ଫଳରେ କମ୍ପାନୀମାନେ ଆନୁଷ୍ଠାନିକ ପ୍ରୋତ୍ସାହନ ପାଇ ଲୋକଙ୍କୁ ଠକିଲେ। ତଦନ୍ତ ପରେ କ୍ରାଇମ ବ୍ରାଞ୍ଚ ଦ୍ୱାରା ଉକ୍ତ କମ୍ପାନୀ ଗୁଡ଼ିକର ଅଫିସ ସିଲ କରାଯାଇ କମ୍ପ୍ୟୁଟରରେ ଗଚ୍ଛିତ ଥିବା ହାର୍ଡଡିସ୍କ ଜବତ କଲେ। କିନ୍ତୁ ତାହାକୁ ପୋଲିସର ମେଗା ହାର୍ଡଡିସ୍କରେ ଗଚ୍ଛିତ ରଖିଲେ ନାହିଁ। ଫଳରେ ନେଣଦେଣ ସଂକ୍ରାନ୍ତୀୟ ସମସ୍ତ ମୂଲ୍ୟବାନ ତଥ୍ୟ ମଧ୍ୟ ନଷ୍ଟ ହୋଇଗଲା। ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା ଆଇନ-୨୦୧୧ ବଳରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ବିଚାରାଳୟ ୨୦୨୧ ଫେବୃୟାରୀ ୨୬ ରେ ସି-ଶୋର କମ୍ପାନୀର ସମ୍ପତ୍ତି ନିଲାମ କରି ଉପଲବ୍ଧ ୬୩୫ କୋଟି ଟଙ୍କା କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବାଣ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ସୁଦ୍ଧା ଗୋଟିଏ ବି ଜମାକାରୀଙ୍କୁ ଅର୍ଥ ପ୍ରଦାନ କରାଯାଇ ନାହିଁ ବୋଲି ଗଣେଶ୍ୱର ଅଭିଯୋଗ କରିଛନ୍ତି।

# 'ଭିତ୍ତିଭୂମି ବିକାଶ ଲାଗି ବ୍ୟାଙ୍କ ଆଗେଇ ଆସନ୍ତୁ'

**୧୬୪ ତମ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ**

ଭୁବନେଶ୍ୱର,୨୪।୯




କୋଭିଡ ଯୋଗୁ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିଲା। ଧୀରେ ଧୀରେ ରାଜ୍ୟ ଏଥିରୁ ବାହାରି ଅଭିବୃଦ୍ଧି ଆଡ଼କୁ ଗତି କରୁଛି। ସାମାଜିକ ଭିତ୍ତିଭୂମିର ପ୍ରତି କ୍ଷେତ୍ରରେ ବିକାଶ ଲାଗି ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ ଲାଗି ଆଗେଇ ଆସିବାର ଆବଶ୍ୟକତା ରହିଥିବା ଶୁକ୍ରବାର ଅନୁଷ୍ଠିତ ୧୬୪ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ପୂଜାରୀ କହିଛନ୍ତି, କୋଭିଡକୁ ପ୍ରତିହତ କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ଅଭିବୃଦ୍ଧି ହାସଲ ଦିଗରେ ବ୍ୟାଙ୍କଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟରେ ପ୍ରତି ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ନ ଥିବାରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ରାଜ୍ୟର ୨ ତୃତୀୟାଂଶ ଗ୍ରାମପଞ୍ଚାୟତରେ ବ୍ୟାଙ୍କ ଶାଖା ନାହିଁ। ଏ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ନଗଦ ଜମା ଅନୁପାତ ଅନ୍ୟୂନ ୬୦% ହେବା ଆବଶ୍ୟକତା ରହିଛି। ଏମ୍‌ଏସ୍‌ଏମ୍‌ଇ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କ ଧାର୍ଯ୍ୟଲକ୍ଷ୍ୟ ହାସଲ କରିଥିବା ସେ ସ୍ପଷ୍ଟ କରିଛନ୍ତି।

ବ୍ୟାଙ୍କଗୁଡିକ ୧.୧୦ ଲକ୍ଷ କୋଟିର ଋଣ ବଣ୍ଟନ କରି ବାର୍ଷିକ ଋଣ ଯୋଗାଣ ଲକ୍ଷ୍ୟ ହାସଲ କରିବାକୁ ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଲ ଦେବ କହିଛନ୍ତି। କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗ ସଚିବ ଦେବାଶିଷ ପଣ୍ଡା, ପ୍ରତି ୫ କିମି ବ୍ୟବଧାନରେ ବ୍ୟାଙ୍କିଙ୍ଗ ପଏଣ୍ଟ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, କୃଷି ଏବଂ ଶସକ୍ତିକରଣ ବିଭାଗର ଶାସନ ସଚିବ ଏସ୍.କେ.ବଶିଷ୍ଠ, ଏସ୍‌ଏଲ୍‌ବିସି ଆବାହକ ଅରୂପାନନ୍ଦ ଜେନା, ଏସ୍‌ଏଲ୍‌ବିସି ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କ ଏମ୍‌ଡି ଏ.କେ.ଗୋଏଲ, ଆର୍‌ବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏନ୍. ପଣ୍ଡା, ନାବାର୍ଡ ସିଜିଏମ୍ ସି.ଉଦୟଭାସ୍କର, ଏସ୍‌ବିଆଇ ସିଜିଏମ୍ ବିଦ୍ୟା କ୍ରିଷ୍ଣନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩୦ ମୋବାଇଲ ସହ ବାଇକ୍ ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୨୪।୯:** ଖୋର୍ଦ୍ଧା ସହରରେ ମୋବାଇଲ ଫୋନ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ମୁକୁନ୍ଦପ୍ରସାଦ ବାଇପାସ ଛକ ଠାରୁ ଜଣେ ଯୁବକଙ୍କୁ ଭୁଜାଲି ଦେଖାଇ ମୋବାଇଲ ଫୋନ ଲୁଟ ଘଟଣାରେ ଖୋର୍ଦ୍ଧା ଆଦର୍ଶ(ଟାଉନ) ଥାନା ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା କୋକେସିଂ ଗ୍ରାମର ଜ୍ୟୋତିରଞ୍ଜନ ନନ୍ଦ, ମୁକୁନ୍ଦପ୍ରସାଦ ମୁସଲିମ ସାହିର ଇମରାନ ଖାନ ଓରଫ କାଲିଆ ଏବଂ କାସିମୁଦ୍ଦିନ ଶାହା। ଅଭିଯୁକ୍ତଙ୍କ ନିକଟରୁ ୩୦ଟି ମୋବାଇଲ ଫୋନ ଓ ଏକ ବାଇକ୍ ଜବତ ହୋଇଛି। ଇମରାନଙ୍କ ବିରୋଧରେ ୨ଟି ମାମଲା ରହିଥିବା ବେଳେ କାସିମୁଦ୍ଦିନଙ୍କ ବିରୋଧରେ ୭ଟି ମାମଲା ରହିଥିବା ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା ବେଳେ ପୂର୍ବରୁ ବିଭିନ୍ନ ମାମଲାରେ ଜଡିତ ଥିବା ଜଣାପଡିଥିଲା ବୋଲି ପୋଲିସ କହିଛି। ସୂଚନା ମୁତାବକ, ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଉଦୟଗିରି ଗ୍ରାମର ଜ୍ୟୋତିରଞ୍ଜନ ଜେନା ବୁଧବାର ମୁକୁନ୍ଦପ୍ରସାଦ ବାଇପାସ ଛକରେ ସନ୍ଧ୍ୟାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଏକ ବାଇକରେ ଆସି ତାଙ୍କୁ ଭୁଜାଲି ଦେଖାଇ ମୋବାଇଲ ଫୋନ ଝାମ୍ପି ଫେରାର ହୋଇଯାଇଥିଲେ। ଏନେଇ ଜ୍ୟୋତିରଞ୍ଜନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୭୬/୨୧)ରୁଜୁ ହୋଇଥିଲା।

### ପରମାନନ୍ଦ କଲେଜରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ

**ବୋଲଗଡ଼,୨୪।୯(ଡି.ଏନ୍.ଏ.):** ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟରେ ଶୁକ୍ରବାର ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ସ୍ୱେଚ୍ଛାସେବୀମାନେ ନାମ ପଞ୍ଜୀକରଣ କରିଥିଲେ। ଏନଏସ୍‌ଏସ୍ ଅଧିକାରୀ ଅଧାପକ ପ୍ରଦୀପ ମିଶ୍ର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେବା ପରେ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ସାମାଜିକ ପ୍ରତିବଦ୍ଧତାର ଶପଥ ପାଠ କରାଇଥିଲେ। ନୂତନ ଭାବେ ନିର୍ମିତ ଅଧ୍ୟୟନ କକ୍ଷକୁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଅଧାପିକା ରୁପେଲି ସାହୁ ଧନ୍ୟବାଦ ଦେଇଥିଲେ।

### ବୁଣାକାର ସଚେତନତା ଶିବିର

**ବୋଲଗଡ଼,୨୪।୯(ଡି.ଏନ୍.ଏ.):** ବୁଣାକାରଙ୍କ ଚକ୍ଷୁ ପରୀକ୍ଷା ଓ ସଚେତନତା ଶିବିର ଶୁକ୍ରବାର ବୋଲଗଡ଼ ବ୍ଲକ ସାନପଦରସ୍ଥିତ ଗୋପବନ୍ଧୁ ତନ୍ତୁବାୟ ସମିତି ଲିଃ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ତୋଷ ଯୋଗଦେଇ ବୁଣାକାରଙ୍କ ପାଇଁ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ସୁବିଧା ବିଷୟରେ କହିଥିଲେ। ଚକ୍ଷୁ ପରୀକ୍ଷା ପାଇଁ ସହାୟତା କରିଥିବା ସାଇଟସେଭର୍ସ ଅନୁଷ୍ଠାନର ରାଜ୍ୟ ଚକ୍ଷୁ ସ୍ୱାସ୍ଥ୍ୟ ମୁଖ୍ୟ ନିରଞ୍ଜନ ରାଜ ଯୋଗଦେଇ ମାଗଣା ଚକ୍ଷୁ ପରୀକ୍ଷା, ଚଷମା ଏବଂ ଅସ୍ତ୍ରୋପଚାର ବିଷୟରେ ଥିବା ସମସ୍ତ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ବିକାଶ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ବାଗ, ବୈଷୟିକ ଅଧୀକ୍ଷକ କାଶୀନାଥ ଦାସ, ଖୋର୍ଦ୍ଧା ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ଗୋବିନ୍ଦ ଚନ୍ଦ୍ର ଜେନା, ବୟନ ଶିଳ୍ପ ନିରୀକ୍ଷକ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୋଲଗଡ଼ର ହସ୍ତତନ୍ତ ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ବେହେରା କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଭାଗୀରଥି ପରିମାଣିକ ସହଯୋଗ କରିଥିଲେ।

### ଶ୍ରୀକୁମାର ଖୋର୍ଦ୍ଧା ଜିଲା ଜୀବନବିନ୍ଦୁ ସହ ସଂଯୋଜକ ନିଯୁକ୍ତ

**ବୋଲଗଡ଼,୨୪।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ପୂର୍ବତନ ବିଜୁ ଯୁବ ଜନତା ଦଳ ସଭାପତି ଶ୍ରୀକୁମାର ଖୁଣ୍ଟିଆ(ପ୍ରଭାତ)ଙ୍କୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ପାଇଁ ସହ ସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ ଜୀବନବିନ୍ଦୁ କାର୍ଯ୍ୟକ୍ରମ ପାଇଁ ପ୍ରଭାତଙ୍କୁ ସହ ସଂଯୋଜକ ଭାବେ ନିଯୁକ୍ତ କରିଛନ୍ତି। ପ୍ରଭାତଙ୍କ ନୂତନ ନିଯୁକ୍ତି ନେଇ ବୋଲଗଡ଼-ବେଗୁନିଆ ଅଞ୍ଚଳର ବିଜେଡି କର୍ମୀମାନେ ଖୁସିବ୍ୟକ୍ତ କରିଛନ୍ତି। ବୋଲଗଡ଼ ବ୍ଲକ ମାଣିବନ୍ଧ ଗ୍ରାମର ପ୍ରଭାତଙ୍କ ଘର ହୋଇଥିବା ବେଳେ ମିଳିଥିବା ଦାୟିତ୍ୱକୁ ଦୃଢତାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏଥିପାଇଁ ଜଲାର ସମସ୍ତ ନେତୃମଣ୍ଡଳୀଙ୍କ ସହଯୋଗ କାମନା କରିଛନ୍ତି।

# ମାନବବାଦ ସଙ୍ଗଠନକୁ ଅସିଦ୍ଧ ଘୋଷଣା କରାଯାଉ

**ଖୋର୍ଦ୍ଧା ଅଫିସ,୨୪।୯**

ମାନବବାଦ ସଙ୍ଗଠନ ତଥା ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚକୁ ଅସିଦ୍ଧ ଘୋଷଣା, ଗ୍ରାମରୁ ବିତାଡ଼ିତ ଆଦିବାସୀ ପରିବାରଙ୍କୁ ଥଇଥାନ ଓ ବେଗୁନିଆ ଥାନା ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକ ହତ୍ୟା ମାମଲାରେ ମାନସ ଦାସଙ୍କ ପୁଅ ମନୋରଞ୍ଜନଙ୍କ ବିରୋଧରେ ୩୦୨ ଦଫା ଲଗାଇବା ସହ ୧୨ ଦଫା ଦାବିରେ ଶୁକ୍ରବାର ୧୫ଟି ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ମହିଳାଙ୍କ ସ୍ୱାର୍ଥର ସୁରକ୍ଷା ଓ ଅଧିକାର ପାଇଁ ଲଢେଇ କରୁଥିବା ସାମାଜିକ ଗଣ ଅନୁଷ୍ଠାନ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶାର ଶତାଧିକ ମହିଳା ଓ ପୁରୁଷ ଖୋର୍ଦ୍ଧା ନୂଆବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

ଏଥିରେ ଦର୍ଶାଯାଇଛି ଯେ, ସଙ୍ଗଠନ ଆଳରେ ମାନସ ଏକଛତ୍ରବାଦ ତାଲିବାନୀ ଶାସନ ଚଳାଇଛନ୍ତି। ସଙ୍ଗଠନରେ ନ ମିଶିଲେ ଗ୍ରାମବାସୀଙ୍କୁ ଅକଥନୀୟ ନିର୍ଯାତନା, ହତ୍ୟାଧମକ,ଏପରିକି ପିଟି ପିଟି ହତ୍ୟା କରୁଛନ୍ତି। ମାନସଙ୍କ ଇଙ୍ଗିତରେ ଗ୍ରାମରୁ ବିତାଡିତ ହୋଇ ବାସନ୍ଦ ଜୀବନ ବିତାଉଥିବା ପୀଡିତ ପରିବାରଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ଥଇଥାନ ସହ ସୁରକ୍ଷା ଦିଆଯାଉ। ଏହି ସଙ୍ଗଠନକୁ ଅସିଦ୍ଧ ଘୋଷଣା ସହ ଗ୍ରାମରେ ସାମାଜିକ ବିଶୃଙ୍ଖଳା, ଅସମାଜିକ କାର୍ଯ୍ୟକଳାପ କରୁଥିବା କର୍ମକର୍ତ୍ତାଙ୍କୁ ତୁରନ୍ତ ଗିରଫ କରାଯାଉ। ଉକ୍ତ ସଙ୍ଗଠନର ଶପଥପାଠ ହିଂସାପ୍ରଣୋଦିତ, ସାମ୍ପ୍ରଦାୟିକ ଦଙ୍ଗା ଏବଂ ରାଷ୍ଟ୍ରବିଚ୍ଛିନ୍ନତାବାଦୀ ଆଦି ବିଦ୍ୱେଷ ଭାବ ସୃଷ୍ଟି କରୁଥିବାରୁ ମାନସ, ମନୋରଞ୍ଜନଙ୍କ ସମେତ ଏହି ସଙ୍ଗଠନରେ କାର୍ଯ୍ୟରତ କର୍ମକର୍ତ୍ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉ। ରାଜ୍ୟ ଠାରୁ ବ୍ଲକ, ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଏହି ସଙ୍ଗଠନରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତାଙ୍କୁ ଚିହ୍ନଟ କରାଯାଉ। ବିଭିନ୍ନ ଥାନାରେ ହୋଇଥିବା ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଅଭିମାନପୁର ସତ୍ୟବ୍ରତଙ୍କ ହତ୍ୟା ଏବଂ କଡବ ଗ୍ରାମର ମାଗୁଣି ଓ ତାଙ୍କ ପୁଅ ଆନନ୍ଦଙ୍କୁ ମାଡ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ମାନସ ସଙ୍ଗଠନ ଆଳରେ ଆଦିବାସୀଙ୍କ ଠାରୁ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ଚାନ୍ଦା ଆଦାୟ କରିଛନ୍ତି। ବଡ ସମାବେଶ ଆୟୋଜନ କରିଛନ୍ତି।



ବିଭିନ୍ନ ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡଠାରୁ ବାହାରିଥିବା ଶୋଭାଯାତ୍ରା।

- ଜିଲାପାଳ, ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲେ
- ପୀଡ଼ିତ ପରିବାରଙ୍କୁ ଥଇଥାନ, ସୁରକ୍ଷା ଦିଆଯାଉ

ଏତେ ଟଙ୍କା ସେ କେଉଁଠି ଆଣୁଥିଲେ, ସଙ୍ଗଠନର ଆର୍ଥିକ ଅନୁଦାନର ତଦନ୍ତ କରାଯାଉ। ମାନସଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତିଙ୍କୁ ସଙ୍ଗଠନର କର୍ମକର୍ତ୍ତା ଭୟଭୀତ କରାଉଛନ୍ତି। ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ। ମାନସଙ୍କ ବୃତ୍ତିଗତ ଓକିଲାତି ଲାଇସେନ୍ସକୁ ରଦ୍ଦ କରାଯାଉ। ମାନସ ଏବଂ ତାଙ୍କ ପୁଅ ମନୋରଞ୍ଜନଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ଦାବିରେ ଉଲ୍ଲେଖ ରହିଛି। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ମିଳିତ କ୍ରିୟାନୁଷ୍ଠାନ କମିଟି ରାଜ୍ୟ ସଭାପତି ବିଦ୍ୟାଧର ଦେହୁରି, ରାଜ୍ୟ ସଂଯୋଜକ ଦିବାକର ଭୋଇ, ରାଜ୍ୟ ଆମ୍ବେଡକର ବିଚାରମଞ୍ଚ ଅଧକ୍ଷ ଦେବରାଜ ନାଏକ, ଅଲ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ ଅଧକ୍ଷ ଅଶୋକ ନାୟକ, ଖୋର୍ଦ୍ଧା ଜିଲା ଶବର ସଂଘ ସଭାପତି ଟୁକୁ ମାଝି, ନୟାଗଡ଼ ଜିଲା ଶବର ସଂଘ ସଭାପତି ମଥୁରି ସ୍ୱାଇଁ, ଦାଣ୍ଡିମାଳ ସେବକ ସଂଘ ଉପାଧକ୍ଷ ଗୌତମ ଗୋପାଳ, ନୀଳମାଧବ ଆଦିବାସୀ ସଂଘ ଅଧକ୍ଷ ଶରତ ଚନ୍ଦ୍ର ନାୟକ, ରାଜ୍ୟ ଜନଜାତି ଯୁବ ପରିଷଦ ସଭାପତି ହଳଧର ସେଠୀ, ଖୋର୍ଦ୍ଧା ଜିଲା ଶବର ସଂଘ କାର୍ଯ୍ୟକାରୀ ସଭାପତି ଅଞ୍ଜଳି ସ୍ୱାଇଁ, ବିଶ୍ୱାବସୁ ଶବର ସଂଘ ସଭାପତି ଗଙ୍ଗାଧର ମାଝିଙ୍କ ନେତୃତ୍ୱରେ ଖୋର୍ଦ୍ଧା, ନୟାଗଡ଼, ପୁରୀ, କଟକ ଆଦି ଜିଲାର ଆଦିବାସୀ, ଜନସାଧାରଣ ପାରମ୍ପରିକ ବେଶଭୂଷାରେ ଯୋଗଦେଇଥିଲେ।

# ୱେବ ଖବରଦାତାଙ୍କ ଗିରଫ ଦାବିରେ ଥାନା ଘେରାଉ

**ବାଣପୁର,୨୪।୯(ଡି.ଏନ୍.ଏ.)**

### ଟିକା ଦେବାକୁ କହି ଟଙ୍କା ମାଗୁଥିଲେ

କରୋନା ଟିକା ପାଇଁ ଏବେ ବି ଲୋକେ ହଇରାଣ ହେଉଛନ୍ତି। କେହି ଦୀର୍ଘ ସମୟ ପର୍ଯ୍ୟନ୍ତ ଧାଡ଼ିରେ ଛିଡ଼ା ହୋଇ ଟିକା ସରିଯିବା ଶୁଣି ନିରାଶରେ ଫେରୁଥିବା ବେଳେ ଅନ୍ୟ କେଉଁଠି ସ୍ଲଟ ବୁକିଂ ହୋଇପାରୁ ନ ଥିବାରୁ ବଞ୍ଚିତ ହେଉଛନ୍ତି। ଏହିକ୍ରମରେ ଦୁଇ ଜଣ ଯୁବକ ୱେବ ଚ୍ୟାନେଲର ଖବରଦାତା ଭାବେ ପରିଚୟ ଦେଇ ବାଣପୁର ବିଜ୍ଞପିତ ପରିଷଦର ୯ନଂ. ୱାର୍ଡ ମୁସଲିମ ସାହି ଟିକା କେନ୍ଦ୍ରରେ ଗଣ୍ଡଗୋଳ କରିବା ସହ ଟିକାକରଣ ପାଇଁ ଗ୍ରାମବାସୀଙ୍କ ଠାରୁ ଟଙ୍କା ଦାବି କରିବା ଏବଂ ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପଟେ ଟିକାକେନ୍ଦ୍ରରେ ସେମାନଙ୍କୁ ଗାଳିଗୁଲଜ ସହ ମାଡ଼ ମରାଯାଇଥିବା ଏହି ଦୁଇ ଖବରଦାତା ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଦୁଇଟି ମାମଲା (ନଂ.୩୨୭, ୩୨୮/୨୧) ରୁଜୁକରି ତଦନ୍ତ ଚଳାଇଛି। ଗୁରୁବାର ରାତିରେ ସମ୍ପୃକ୍ତ ଖବରଦାତା ଦ୍ୱୟ ସାହିରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଶୁକ୍ରବାର ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଅପରାହ୍ନରେ ଗ୍ରାମର ଦୁଇ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବାଣପୁର ଥାନାରେ ପହଞ୍ଚି ଅଭିଯୋଗ କରିବା ସହ ସମ୍ପୃକ୍ତ ଖବରଦାତାଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣା ଦେଇଥିଲେ। ତଦନ୍ତ ଅନୁଯାୟୀ ଖୁବଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

# ତହସିଲ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

**ଜଟଣୀ/ଝାଁଳା,୨୪।୯(ଡି.ଏନ୍.ଏ.)**

### ରାସ୍ତାରୁ ଅବରୋଧ ଉଚ୍ଛେଦ ଦାବି

ସର୍ବସାଧାରଣ ରାସ୍ତାରୁ ଅବରୋଧ ଉଚ୍ଛେଦ ଦାବିରେ ଶୁକ୍ରବାର ଝାଁଳା ପଞ୍ଚାୟତର ଦକ୍ଷିଣ ମୁଣ୍ଡମୁହାଣ ଏବଂ ଓଗାଳପଡ଼ା ଗ୍ରାମର ଶତାଧିକ ଲୋକେ ଜଟଣୀ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ନାରାବାଜି କରିଥିଲେ। ସୂଚନା ମୁତାବକ, ଜଟଣୀ ତହସିଲ ଅଧୀନ ଦକ୍ଷିଣ ମୁଣ୍ଡମୁହାଣ ମୌଜାର ଖାତା ନଂ.୩୦୪ ଏବଂ ପ୍ଲଟ ନଂ.୨୫ ଏବଂ ଓଗାଳପଡା ମୌଜାର ଖାତା ନଂ.୫୯୨ ଏବଂ ପ୍ଲଟ ନଂ.୧୬୬୮ ର କିସମ ରାଜସ୍ୱ ନକ୍ସାରେ ସର୍ବସାଧାରଣଙ୍କ ନିମନ୍ତେ ରାସ୍ତା ରହିଥିଲା। କେତେଜଣ ବ୍ୟକ୍ତି ଉକ୍ତ ରାସ୍ତାକୁ ଅବରୋଧ କରିଥିବାରୁ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। ଏନେଇ ଗ୍ରାମବାସୀ ପକ୍ଷରୁ ତାହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତ ୧ସେପ୍ଟେମ୍ବର ୨୦୨୦ରେ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ରାସ୍ତାରୁ ଅବରୋଧ ହଟାଯାଇ ନାହିଁ। ତହସିଲଦାରଙ୍କ ଅବହେଳା ପାଇଁ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଝାଁଳା ସରପଞ୍ଚ ପ୍ରଦୋଷ ଜେନା ଅଭିଯୋଗ କରିଛନ୍ତି। ଏପରିକି ରାସ୍ତା ନ ଥିବାରୁ ଛାତ୍ରୀଛାତ୍ରମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ପୋଲିସ ଭ୍ୟାନ ଆସିପାରୁ ନ ଥିବା ସରପଞ୍ଚ ଜେନା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗତ ୩ ସେପ୍ଟେମ୍ବର ୨୦୨୧ରେ ବିଧାନସଭାରେ ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଥିଲା। ରାସ୍ତାରୁ ଅବରୋଧକୁ ୭ଦିନ ମଧ୍ୟରେ ହଟାଯିବ ବୋଲି ମନ୍ତ୍ରୀ କହିଥିଲେ। ୨୧ଦିନ ବିତିଯାଇଥିଲେ ମଧ୍ୟ ରାସ୍ତାରୁ ଅବରୋଧ ହଟି ନ ଥିବାରୁ ଦୁଇ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ନ୍ୟାୟ ଦାବିରେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।ତହସିଲଦାର ତପନ କୁମାର ମହାପାତ୍ର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ ଆସନ୍ତା ୨୭ ତାରିଖ ମଧ୍ୟରେ ଉକ୍ତ ରାସ୍ତାରୁ ଅବରୋଧ ହଟିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଗ୍ରାମବାସୀ ତହସିଲ ଅଫିସ ଆଗରେ ଧାରଣାରେ ବସିଛନ୍ତି।

### ଜାତୀୟ ସେବା ଯୋଜନା ଦିବସ

**ଖୋର୍ଦ୍ଧା ଅଫିସ,୨୪।୯**

ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନରେ ଅଧକ୍ଷା ଡ.ରଞ୍ଜିତା ସେଠୀଙ୍କ ପୌରୋହିତ୍ୟରେ ଏବଂ ଅଧାପକ ସୁବୋଧ କୁମାର ଜଗଦ୍ଦେବଙ୍କ ସଂଯୋଜନାରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟକ୍ରମ ଅଧିକାରୀ ସୁକୁମାର ପଟ୍ଟନାୟକ, ଅଲିଭା ବେହୁରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଡ. ପ୍ରମୋଦ ଚନ୍ଦ୍ର ଦଶ , ଡ. ସୁଧିର ଚନ୍ଦ୍ର ଜେନା, ରୁଷି ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଜାତୀୟ ସେବା ଯୋଜନାର ମହତ୍ୱ, ସେବାର ଗୁରୁତ୍ୱ ତଥା ଅଧ୍ୟୟନ ସହ ସମାଜସେବା ଦ୍ୱାରା ନିଜର ବ୍ୟକ୍ତିତ୍ୱ ବିକାଶ ହୋଇପାରିବ ସେ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଡ.ଦାଶ ଯୁବଶକ୍ତିର ବିକାଶ ପାଇଁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶ ଗଠନ ପାଇଁ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଥିଲେ। ଡ. ଜେନା ପୁସ୍ତକ ପ୍ରକୃତ ବନ୍ଧୁ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ପ୍ରାଧ୍ୟାପକ ପ୍ରମୋଦ ସାମଲ, ଅଧାପକ ବନୋଜ ଦେହୁରି, ହେମନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଡାଲତୋଳା ସମ୍ପାଦକଙ୍କୁ ବଡ଼ବେରଣା ଦାୟିତ୍ୱ

**ବେଗୁନିଆ,୨୪।୯(ଡି.ଏନ୍.ଏ.)**

ସରକାରୀ କାର୍ଯ୍ୟରେ ଅବହେଳା ଓ ଅନିୟମିତତା ଅଭିଯୋଗରେ ବେଗୁନିଆ ବ୍ଲକ ବଡ଼ବେରଣା ସମବାୟ ସମିତିର ସମ୍ପାଦକ ନିରଞ୍ଜନ ଦାଶଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଗତ ୨୧ତାରିଖରେ ଜିଲା ଅତିରିକ୍ତ ସମବାୟ ଅଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର ଅର୍ଡର ନଂ.୯ ରେ ନିଲମ୍ବନ ଆଦେଶ ଦେଇଥିଲେ। ଫଳରେ ୩ଦିନ ହେବ ଏହି ସମିତିରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ଡାଲତୋଳା ସମବାୟ ସମିତି ସମ୍ପାଦକ ସୁଧୀର କୁମାର ଦାସଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସୂଚନାଥାଉ କି, ବଡ଼ବେରଣା ସମବାୟ ସମିତିରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏପରିକି ସାର ବଣ୍ଟନରେ ଅନିୟମିତତା, ଋଣ ପ୍ରଦାନରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଚାଷୀ ଆନ୍ଦୋଳନ କରାଯାଇଥିଲା। ଏ ସମ୍ପର୍କରେ ଜିଲା ଅତିରିକ୍ତ ସମବାୟ ଅଧିକାରୀ ମିଶ୍ର କହିଛନ୍ତି, ସମ୍ପାଦକ ଦାଶଙ୍କ ନାମରେ ବହୁ ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଅନିୟମିତତା ହୋଇଥିବା ଜଣାପଡିବାରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଉଚ୍ଚ ଅଧିକାରୀଙ୍କ ଆଦେଶନାମାକୁ ପାଳନ କରାଯାଇ ସମ୍ପାଦକ ଦାଶଙ୍କୁ ନିଲମ୍ବନ କରାଯାଇଛି।

### ରନ୍ଧାମଦ ଜବତ, ୩ ଗିରଫ

**କୃଷ୍ଣପ୍ରସାଦ,୨୪।୯(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ଥାନା ପୋଲିସ ତିତିପ, ଚାରିଛକ, ବଡଖାଡ, ଖିରିସାହି ଅଞ୍ଚଳରେ ଚଢ଼ାଉ କରି ୨୮୦ଲିଟର ଦେଶୀ ରନ୍ଧାମଦ ସହ ଏକ କାର ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଧୀନ ପିଟଣାପଲ୍ଲୀ ଗ୍ରାମର ଅଜୟ ରାଉତ, ମନୋଜ ପ୍ରଧାନ, ପ୍ରମୋଦ ରାଉତ। କୃଷ୍ଣପ୍ରସାଦ ଥାନା ସବଇନ୍ସପେକ୍ଟର ନାରାୟଣ ପ୍ରଧାନ ସଦଳବଳେ ପେଟ୍ରୋଲିଂ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

# ପାଇକ ବୀରତ୍ୱ ଗାଥା ବଖାଣିବ 'ବିଦ୍ରୋହୀ'

**ଖୋର୍ଦ୍ଧା ଅଫିସ,୨୪।୯:** ସ୍ୱାଧୀନତା ସଂଗ୍ରାମ କଥା ମନେ ପଡ଼ିଲେ, ପ୍ରତ୍ୟେକ ଓଡ଼ିଆଙ୍କ ମନରେ ପାଇକ ବିଦ୍ରୋହର ଛବି ଆସିଯାଏ। ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ମିଳିଥିବା ପାଇକ ବିଦ୍ରୋହ ସାରା ଦେଶ ଦେଖିବ। ଖୁବଶୀଘ୍ର ଏକ ଘରୋଇ ଚ୍ୟାନେଲରେ ଧାରାବାହିକ 'ବିଦ୍ରୋହୀ'ପ୍ରସାରଣ ହେବାକୁ ଯାଉଛି। ଏଥିରେ ପାଇକ ବୀର ବକ୍ସି ଜଗବନ୍ଧୁଙ୍କ ସମେତ ଅନ୍ୟ ପାଇକ ବୀରଙ୍କ ଦେଶପ୍ରେମର ଝଲକ ସାରା ଭାରତବର୍ଷ ଦେଖିବ। ୧୮୦୪ରେ ଜୟୀ ରାଜଗୁରୁ ଏବଂ ୧୮୧୭ ପାଇକ ବିଦ୍ରୋହ ଥିଲା ବ୍ରିଟିଶ ସରକାରଙ୍କ ବିରୋଧରେ ସଶକ୍ତ ସଂଗ୍ରାମ। ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏବେ ଏହି ଧାରାବାହିକ ପ୍ରସାରଣକୁ ଦେଶବାସୀ ଚାହିଁ ବସିଛନ୍ତି।



ବିଳମ୍ବରେ ହେଲେ ମଧ୍ୟ ଜାତୀୟ ସ୍ତରରେ ପାଇକ ବିଦ୍ରୋହର କାହାଣୀ ପ୍ରସାରିତ ହେବାକୁ ଯାଉଛି। ଏହା ଜାଣିବା ପରେ ମୁଁ ଅତ୍ୟନ୍ତ ଆନନ୍ଦିତ। ମାତୃଭୂମି ପ୍ରତି ଦାୟିତ୍ୱବୋଧ, ରାଷ୍ଟ୍ରୀୟତା ଭାବକୁ ପ୍ରକାଶ କରେ ପାଇକ ବିଦ୍ରୋହ। କିପରି ନିଜ ମାଟିର ସୁରକ୍ଷା ପାଇଁ ପାଇକ ବୀରମାନେ ନିଜ ଜୀବନକୁ ବଳିଦାନ କରିଥିଲେ। ତାହା ଆଜି ସାରା ଦେଶ ଦେଖିବ। ପାଇକ ବିଦ୍ରୋହ ରାଷ୍ଟ୍ରୀୟତା, ଜାତୀୟତା, ମାତୃପ୍ରୀତିର ପରିଚୟ ବହନ କରେ।

**–ଡ.ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**



ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ଏକ ପ୍ରମୁଖ ଚ୍ୟାନେଲରେ ପ୍ରସାରିତ ହେବ। ଏହା ଏକ ଗୌରବର ବିଷୟ। ଏହି ଧାରାବାହିକ ବକ୍ସିଙ୍କ ଜୀବନୀ କାହାଣୀ ଉପରେ ଆଧାରିତ। ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ନେଇ ବିତର୍କ ଚାଲିଥିବା ବେଳେ ଏହି ଧାରାବାହିକ ବାସ୍ତବ ତଥ୍ୟ ସମାଜକୁ ଆଣିବ ବୋଲି ବିଶ୍ୱାସ ରହିଛି।

**–କୃଷ୍ଣଚନ୍ଦ୍ର ହରିଚନ୍ଦନ,ସମ୍ପାଦକ, କଳିଙ୍ଗ ପାଇକ ସଙ୍ଗଠନ**



ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ଏ ଜାତି ପାଇକ ବୀରଙ୍କ ବୀରତ୍ୱ ପାଇଁ ସେମାନଙ୍କ ନିକଟରେ ଚିର ଋଣୀ ହୋଇ ରହିବ। ପାଇକ ବୀରଙ୍କ ପାଇଁ ଜାତୀୟ ସ୍ତରରେ ଓଡ଼ିଆଙ୍କ ଗୌରବ ବୃଦ୍ଧି ପାଇଛି। ଆଜି ସାରା ଭାରତବର୍ଷ ବକ୍ସି ଏବଂ ପାଇକ ବୀରଙ୍କ ତ୍ୟାଗ, ବଳିଦାନକୁ ଦେଖିବ। ଏବେ ମଧ୍ୟ ସ୍ୱାଧୀନତାର ସଂଗ୍ରାମର ଇତିହାସକୁ ମନେ ପକାଇଲା ବେଳେ ଦେହରେ ଶିହରଣ ଖେଳିଯାଉଛି। ଏହା ଉପରେ ଆହୁରି ଗବେଷଣା ହେବା ଜରୁରୀ।

**–ଭୀମସେନ ପ୍ରଧାନ, ଶିକ୍ଷାବିତ୍**



ପାଇକ ବିଦ୍ରୋହ ବ୍ରିଟିଶ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମର ମୂଳଦୁଆ ପକାଇଥିଲା। ପାଇକଙ୍କ ବୀରତ୍ୱ, ସୌର୍ଯ୍ୟ ଆଗରେ ବ୍ରିଟିଶ ମଥା ନୁଆଁଇଥିଲା। ନିଜ ମାଟିର ସୁରକ୍ଷା ପାଇଁ ପାଇକଙ୍କ ବଳିଦାନ, ତ୍ୟାଗ, ନିଷ୍ଠା ଅତୁଳନୀୟ। ଜାତୀୟ ସ୍ତରରେ ଏହି ଧାରାବାହିକ ପ୍ରାସରିତ ହେଲେ ଏହାର ଗୌରବ ବୃଦ୍ଧି ସହ ପାଇକ ବିଦ୍ରୋହ ସମ୍ପର୍କରେ ଯୁବପିଢି, ଗବେଷକଙ୍କ ମଧ୍ୟରେ ଉତ୍ସାହ ଆଣିଦେବ।

**–ପ୍ରଫେସର ନାରାୟଣ ରାଓ, ନ୍ୟାଶନାଲ ଫେଲୋ(ଜା.ଗ.ପ୍ରତିଷ୍ଠାନ)**



ପାଇକଙ୍କ ଯୋଗୁ ଏ ମାଟି ଧନ୍ୟ ହୋଇଛି। ଦ୍ୱିଶତ ବାର୍ଷିକୀ ଅବସରରେ ସାରା ଦେଶ ପାଇକ ବିଦ୍ରୋହ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ। ଏବେ ଘରୋଇ ଚ୍ୟାନେଲରେ ପ୍ରସାରଣ ହେବାକ ଥିବା ବିଦ୍ରୋହୀ ଧାରାବାହିକରେ ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ସମ୍ପର୍କରେ ଜାଣିବାକୁ ପାଇବେ। ବ୍ରିଟିଶ ବିରୋଧରେ କେବଳ ଏହା ଏକ ସଂଗ୍ରାମ ନ ଥିଲା ବରଂ ଜାତୀୟତା ଏବଂ ଦେଶମାତୃକା ପ୍ରତି ରହିଥିବା କର୍ତ୍ତବ୍ୟର ଭାବକୁ ପ୍ରକାଶ କରେ।

**–ମେଜର କ୍ଷୀରୋଦ ମହାନ୍ତି, ପୂର୍ବତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**



ଏହି ଧାରାବାହିକ ପ୍ରସାରିତ ହେଲେ ବକ୍ସି ଏବଂ ପାଇକଙ୍କ ବୀରତ୍ୱର ଗାଥା, ସେମାନଙ୍କ ସୌର୍ଯ୍ୟ ଆଗରେ କିପରି ବ୍ରିଟିଶ ସରକାର ମଥା ନୁଆଇଁବାକୁ ବାଧ୍ୟ ହୋଇଥିଲା ସେ ସମ୍ପର୍କ ଜାଣିବାକୁ ପାଇବେ। ଏହା ଓଡ଼ିଆଙ୍କ ଗୌରବ ବୃଦ୍ଧି ସହ ଇତିହାସରେ ଏହାର ଗୌରବର ଗାଥା ସ୍ମରଣୀୟ ହୋଇରହିବ। ଆଗାମୀ ଯୁବପିଢ଼ିଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ପାଲଟିବ।

**–ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଐତିହ୍ୟ ଗବେଷକ**



ଯେଉଁମାନେ ଏ ଦେଶ ପାଇଁ ସଶକ୍ତ ସଂଗ୍ରାମ କରି ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି, ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଆମର କର୍ତ୍ତବ୍ୟ। ସେମାନଙ୍କ ବଳିଦାନର ନିଦ୍ଦର୍ଶନ ପୂର୍ବକ ଦେଶ ଆଜି ଅମୃତ ମହୋତ୍ସବ ପାଳନ କରୁଛି। ସ୍ୱାଧୀନତା ସଂଗ୍ରାମ କଥା ଆସିଲେ, ଆଗ ଧାଡ଼ିରେ ପାଇକ ବୀରଙ୍କ ବୀରତ୍ୱର ଗାଥା ଆସିବ। ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ଉପରେ ପ୍ରସାରିତ ହେବାକୁ ଯାଉଥିବା ଧାରାବାହିକ 'ବିଦ୍ରୋହୀ' ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଜିଣିବ। ଏଥିସହ ଆଗାମୀ ପିଢିଙ୍କୁ ଉତ୍ସାହିତ କରିବ।

**–ସତ୍ୟବାଦୀ ବଳିୟାରସିଂ, ଗବେଷକ**



ଛାତ୍ର ଜୀବନରୁ ପାଇକ ବୀରଙ୍କ ବୀରତ୍ୱ କାହାଣୀ ସମ୍ପର୍କରେ ଶୁଣି ଆସିଛି। ଏବେ ପ୍ରତ୍ୟକ୍ଷ ଭାବେ ଧାରାବାହିକରେ ଦେଖିବାର ସୁଯୋଗ ମିଳିବ। ଏହି ଧାରାବାହିକ ମାଧ୍ୟରେ ପ୍ରତ୍ୟେକ ଭାରତୀୟ ପାଇକ ବୀରଙ୍କ ଗାଥାକୁ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ପାଇବେ। କିପରି ସାରା ଦେଶକୁ ନିଜ ଅକ୍ତିଆରରେ ରଖିଥିବା ବ୍ରିଟିଶ ସରକାର ପାଇକଙ୍କ ଆଗରେ ନିଜ ମଥା ନୁଆଁଇଥିଲା, ଆଜି ସାରା ଦେଶ ଦେଖିବ।

**–ଶୋଭନ ଘୋଷ, ଆବାହକ ଖୋର୍ଦ୍ଧା ସୁରକ୍ଷା ମଞ୍ଚ**



ଜଣେ ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରୁଛି। ଏପରି ଏକ ମାଟିରେ ଜନ୍ମ ହୋଇଛି, ଯାହାର ରାଷ୍ଟ୍ର ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଏ ଜାତିକୁ ଗୌରବାନ୍ୱିତ କରିଛନ୍ତି ପାଇକ ବୀର। ଏ ଜାତି ସର୍ବଦା ପାଇକ ବୀରଙ୍କ ଆଗରେ ଚିରଋଣୀ ହୋଇ ରହିବ। ଏହି ଧାରାବାହିକ ପ୍ରସାରିତ ହେଲେ ସାରା ଭାରତବର୍ଷ ଦେଖିବ ପାଇକଙ୍କ ବୀରତ୍ୱର କାହାଣୀ।

**–ଶକ୍ତିଶଙ୍କର ମିଶ୍ର, ସଭାପତି ଖୋର୍ଦ୍ଧା ବିକାଶ ପରିଷଦ**



ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହର ଏକ ମହତ୍ତ୍ୱ ଭୂମିକା ରହିଛି। ଆଗାମୀ ପିଢି ପାଇକଙ୍କ ବୀରତ୍ୱ ସମ୍ପର୍କରେ ଜାଣିବାକୁ ସୁଯୋଗ ପାଇବେ। କିପରି ବଣ, ଜଙ୍ଗଲରେ ରହି ବ୍ରିଟିଶ ସରକାରଙ୍କ ବିରୋଧରେ ସଶକ୍ତ ସଂଗ୍ରାମ କରୁଥିଲେ, ମାତୃଭୂମିର ସୁରକ୍ଷା ପାଇଁ ହସି ହସି ବଳିଦାନ ଦେଇଛନ୍ତି। ସେହି ବୀରତ୍ୱର ଗାଥା ସମସ୍ତଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ବିଦ୍ରୋହୀ ଧାରାବାହିକରେ ବକ୍ସି ଏବଂ ପାଇକ ବୀରଙ୍କ କାହାଣୀ ପୁଣି ଥରେ ସେହି ସଂଗ୍ରାମକୁ ମନେପକାଇବ। ସାରା ଦେଶ ଏହି ମହାନ୍ ସଂଗ୍ରାମୀଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ପାଇବ।

**–ଜ୍ଞାନ ରଞ୍ଜନ ଦାଶ, ବରିଷ୍ଠ ସାହିତ୍ୟିକ**

